بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସଂଖ୍ୟା 34

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

23 ଅଗଷ୍ଟ 2018 23 ଜହୁର୍ 1397 ହି.ଶ 11 ଜୁଲ୍‌ହଜା 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

اَلَّذِیۡنَ یُنۡفِقُوۡنَ اَمۡوَالَہُمۡ فِیۡ سَبِیۡلِ اللّٰہِ
ثُمَّ لَا یُتۡبِعُوۡنَ مَاۤ اَنۡفَقُوۡا مَنًّا وَّلَاۤ اَذًی ۙ
لَّہُمۡ اَجۡرُہُمۡ عِنۡدَ رَبِّہِمۡ ۚ وَلَا خَوۡفٌ
عَلَیۡہِمۡ وَلَا ہُمۡ یَحۡزَنُوۡنَ ○

(263: سورۃ البقرۃ)

ଅନୁବାଦ - ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ଏବଂ ବ୍ୟୟ କରିବା ପରେ କୌଣସି ପ୍ରକାରରେ (ନିଜ) ଉପକାର ବଖାଣନ୍ତି ନାହିଁ ବା କୌଣସି ପ୍ରକାର କଷ୍ଟ ଦିଅନ୍ତି ନାହିଁ ସେମାନଙ୍କ ପାଇଁ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରେ (ସେମାନଙ୍କ କର୍ମର) ପ୍ରତିଫଳ ଗଚ୍ଛିତ ଅଛି । ସେମାନଙ୍କର କୌଣସି ଭୟନାହିଁ କି ସେମାନେ ଦୁଃଖିତ ହେବେ ନାହିଁ ।

(ବକ୍‌ରାଃ : ୨୬୩)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିଁ'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

କାନୁନ୍ ହେଉଛି ଦୁଇପ୍ରକାରର । ଗୋଟିଏ ହେଉଛି ସେହି କାନୁନ୍ ଯାହା ଫରିସ୍ତାଙ୍କ ସମ୍ବନ୍ଧୀୟ ଅର୍ଥାତ୍ ସେମାନଙ୍କୁ କେବଳ ଇତାଅତ୍ (ଆଜ୍ଞାବହତା ସ୍ୱୀକାର) କରିବା ପାଇଁ ସୃଷ୍ଟି କରାଯାଇଛି ଓ ସେମାନଙ୍କ ଇତାଅତ୍ କେବଳ ପ୍ରାକୃତି ଜ୍ୟୋତିର ଏକ ଅଂଶ ଅଟେ । ସେମାନେ ପାପ କରିପାରିବେ ନାହିଁ ଓ ପୁଣ୍ୟରେ ଉନ୍ନତି ମଧ୍ୟ କରିପାରିବେ ନାହିଁ । (୨)ଦ୍ୱିତୀୟ କାନୁନ୍ ହେଉଛି ମନୁଷ୍ୟ ସମ୍ବନ୍ଧୀୟ ଅର୍ଥାତ୍ ମନୁଷ୍ୟର ପ୍ରକୃତିରେ ଏହା ରଖାଯାଇଅଛି କି ସେ ପାପ କରିପାରେ କିନ୍ତୁ ପୁଣ୍ୟ କର୍ମରେ ଉନ୍ନତି ମଧ୍ୟ କରିପାରିବ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଯେଉଁ ଅପରାଧିମାନେ ଇସ୍‌ତେଗ୍‌ଫାର୍ କରୁନାହାଁନ୍ତି ଓ ଈଶ୍ୱରଙ୍କଠାରୁ ଶକ୍ତି ଚାହୁଁନାହାଁନ୍ତି ତେଣୁ ସେମାନେ ନିଜ ଅପରାଧର ଦଣ୍ଡ ପାଇଚାଲିଛନ୍ତି । ଦେଖ ଆଜିକାଲି ତାଉନ୍ ମଧ୍ୟ ଦଣ୍ଡସ୍ୱରୂପ ପୃଥିବୀରେ ଅବତରଣ କରିଛି ଓ ଈଶ୍ୱରଙ୍କୁ (ନ ମାନି) ଦୁଷ୍ଟାମୀ କରୁଥିବା ବ୍ୟକ୍ତି ଏହାଦ୍ୱାରା ହଲାକ୍ (ଶେଷ) ହେଉଛନ୍ତି । ତେବେ ପୁଣି କାହିଁକି କୁହାଯିବ କି ଈଶ୍ୱରଙ୍କ ରାଜତ୍ୱ ପୃଥିବୀରେ ନାହିଁ ବୋଲି । ଏପରି ଭାବନାହିଁ କି ଯଦି ପୃଥିବୀରେ ଈଶ୍ୱରଙ୍କ ସାମ୍ରାଜ୍ୟ ରହିଛି ତେବେ ଲୋକମାନଙ୍କ ଦ୍ୱାରା ଅପରାଧ କାହିଁକି ହେଉଛି । କାରଣ ଅପରାଧ ମଧ୍ୟ ଈଶ୍ୱରଙ୍କ ବିଧାନ ଅନ୍ତର୍ଗତ ହେଉଛି । ତେଣୁ ଯଦିଚ ସେହି ଲୋକମାନେ ଶରିୟତ୍‌ର କାନୁନ୍ ଠାରୁ ବାହାରି ଯାଉଛନ୍ତି କିନ୍ତୁ କାନୁନେ ତକ୍‌ଓ୍ୱିନ୍ ଅର୍ଥାତ୍ ବିଧିର ବିଧାନରୁ ସେ ବାହାରି ପାରିବେ ନାହିଁ । ତେଣୁ କାହିଁକି କୁହାଯିବ କି ଅପରାଧିପ୍ରବଣ ଲୋକେ ଈଶ୍ୱରଙ୍କ ରାଜତ୍ୱର ଜୁଆଳି ନିଜ ବେକ ଉପରେ ରଖୁନାହାଁନ୍ତି । ଦେଖନ୍ତୁ ଏହି ବ୍ରିଟିଶ୍ ଇଣ୍ଡିଆ ଦେଶରେ ଚୋରି ମଧ୍ୟ ହେଉଛି, ହତ୍ୟା ମଧ୍ୟ ହେଉଛି, ବ୍ୟଭିଚାର, ବିଶ୍ୱାସଘାତକ ଓ ସୁଧଖୋର ଇତ୍ୟାଦି ପ୍ରତ୍ୟେକ ପ୍ରକାରର ଅପରାଧି ମଧ୍ୟ ଏଠାରେ ମିଳୁଛନ୍ତି । କିନ୍ତୁ (ଆମେ) ଏହା କହିପାରିବା ନାହିଁ କି ଏ ଦେଶରେ ଇଂରେଜ ସରକାରଙ୍କ ରାଜତ୍ୱ ନାହିଁ ବୋଲି । ଯେବେ କି ସାମ୍ରାଜ୍ୟ ତ ଅଛି କିନ୍ତୁ ସରକାର ଜାଣିଶୁଣି ଏପରି କଠିନ କାନୁନ୍ ଲଗାଇବା ପାଇଁ ମଣୁନାହାଁନ୍ତି କି ଯଦ୍ୱାରା ଭୟରେ ଲୋକମାନଙ୍କ ଜୀବନ ଦୁର୍ବିସହ ହୋଇଯିବ ନଚେତ୍ ଯଦି ସରକାର ସମସ୍ତ ଅପରାଧିମାନଙ୍କୁ ଏକ ଯନ୍ତ୍ରଣା ଦାୟକ ଜେଲ୍ ଭିତରେ ରଖି ସେମାନଙ୍କୁ ଅପରାଧ ମୂଳକ କାର୍ଯ୍ୟ କଳାପରୁ ରୋକିବାକୁ ଚାହିଁବେ ତେବେ ବହୁତ ସହଜରେ ସେମାନେ ରୋକି ହୋଇଯିବେ ବା ଯଦି କାନୁନ୍‌ରେ କଠିନ ଦଣ୍ଡ ରଖାଯିବ ତେବେ ଏହି ଅପରାଧଗୁଡ଼ିକର ମୂଳୋତ୍ପାଟନ ହୋଇପାରିବ । ସୁତରାଂ ତୁମେ ବୁଝିପାରୁଥିବ କି ଯେତେମାତ୍ରାରେ ଏ ଦେଶରେ ମଦ୍ୟପାନ କରାଯାଉଅଛି, ବ୍ୟଭିଚାରି ମହିଳାମାନଙ୍କ ସଂଖ୍ୟା ବଢ଼ିଚାଲିଛି, ଚୋରି ଓ ହତ୍ୟା ଇତ୍ୟାଦି ଘଟଣା ଘଟିଚାଲିଛି ଏହା ଏଇଥିପାଇଁ ନୁହେଁ କି ଇଂରେଜ ସରକାରଙ୍କର ଏଠି ରାଜତ୍ୱ ନାହିଁ । ବରଂ ସରକାରଙ୍କର କୋହଳ କାନୁନ୍ (ଏହି) ଅପରାଧ ମୂଳକ କାର୍ଯ୍ୟକଳାପକୁ ବଢ଼ାଇ ଦେଇଛି ନା କି ଇଂରେଜ ସରକାର ଏଠାରୁ ଚାଲିଯାଇଛି ବରଂ ସରକାରଙ୍କର ଏ ଅଧିକାର ରହିଛି କି କାନୁନ୍‌କୁ କଠିନ କରି ଓ ଯନ୍ତ୍ରଣାଦାୟକ ଦଣ୍ଡର ବ୍ୟବସ୍ଥା କରି ଅପରାଧ କାର୍ଯ୍ୟକଳାପକୁ ରୋକିଦେଇପାରିବେ । ଯଦି ମନୁଷ୍ୟକୃତ ସାମ୍ରାଜ୍ୟର ଏପରି ଅବସ୍ଥା କି ଯିଏ ଐଶ୍ୱରିକ ସାମ୍ରାଜ୍ୟର ମୁକାବିଲାରେ କିଛି ବି (ମହତ୍ୱ) ରଖୁନାହିଁ ତେବେ ଐଶ୍ୱରିକ ସାମ୍ରାଜ୍ୟର କେତେ ଆଧିପତ୍ୟ ଓ ଅଧିକାର ଥିବ । ଯଦି ଈଶ୍ୱରଙ୍କ କାନୁନ୍ ଏବେ କଠିନ ହୋଇଯିବ ଏବଂ ସମସ୍ତ ବ୍ୟଭିଚାରୀ ମାନଙ୍କୁ ବିଜୁଳି ମାରିଦେବ ଓ ସମସ୍ତ ଚୋରଙ୍କୁ ଏପରି ରୋଗ ହୋଇଯିବ କି ଯଦ୍ୱାରା ସେମାନଙ୍କ ହାତ ସଢ଼ି ପଚିଯିବ ଏବଂ ଯଦି ପ୍ରତ୍ୟେକ ଦୁଷ୍ଟ, ଈଶ୍ୱରଙ୍କ ଅମାନ୍ୟକାରୀ ଓ ତା ଧର୍ମର ଅମାନ୍ୟକାରୀ ତାଉନ୍ (ପ୍ଲେଗ୍) ଦ୍ୱାରା ମରିଯାଆନ୍ତି (ତେବେ) ଗୋଟିଏ ସପ୍ତାହ ବିତିବା ପୂର୍ବରୁ ସମଗ୍ର ସଂସାର ସତ୍ୟବାଦୀ ଓ ପୁଣ୍ୟବନ୍ତର ଚାଦର ପିନ୍ଧି ପକାଇବ । ସୁତରାଂ ଈଶ୍ୱରଙ୍କର ରାଜତ୍ୱ ପୃଥିବୀରେ ତ ରହିଛି କିନ୍ତୁ ଆକାଶୀୟ କୋହଳ କାନୁନ୍ ଯୋଗୁ ଏତେ ମାତ୍ରାରେ ସ୍ୱାଧୀନତା ଦିଆଯାଇଛି କି ଅପରାଧିମାନେ ଶିଘ୍ର ଧରାପଡୁନାହାଁନ୍ତି । ହଁ (ସେମାନଙ୍କୁ) ଦଣ୍ଡ ମଧ୍ୟ ମିଳୁଅଛି (ଯେପରି) ଭୂମିକମ୍ପ ହେଉଛି, ବିଜୁଳି ମାରୁଛି, ଜ୍ୱାଳାମୁଖୀ ଫୁଟି ହଜାର ହଜାର ଜୀବନକୁ କ୍ଷତି ପହଂଚୁଛି, ଜାହାଜ ବୁଡ଼ିଯାଉଛି, ରେଳଗାଡ଼ି ଦ୍ୱାରା ଶହ ଶହ ଜୀବନ ଯାଉଛି, ବାତ୍ୟା ଆସୁଛି, ଘର ଭାଙ୍ଗିପଡୁଛି, ସାପ କାମୁଡ଼ା, ହିଂସ୍ର ଜନ୍ତୁ ଆକ୍ରମଣ କରି ମାରୁଛନ୍ତି ଓ ମହାମାରୀ ପଡୁଛି । ନିଃଶେଷ କରିବାର ଗୋଟିଏ ମାତ୍ର ଦ୍ୱାର ନାହିଁ ବରଂ ହଜାର ହଜାର ଦ୍ୱାର ଖୋଲା ରହିଛି ଯାହା ଅପରାଧି ମାନଙ୍କୁ ଶେଷ କରିବା ପାଇଁ ଈଶ୍ୱରଙ୍କ ପ୍ରାକୃତିକ ନିୟମକାନୁନ୍ ଏହା ଧାର୍ଯ୍ୟ କରି ରଖିଛି । ପୁଣି କାହିଁକି କୁହାଯିବ କି ଏ ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ରାଜତ୍ୱ ଚାଲିନାହିଁ ବୋଲି । (ବରଂ) ସତ୍ୟ ହେଉଛି ଏହା କି ରାଜତ୍ୱ ତ ରହିଛି (ଓ) ପ୍ରତ୍ୟେକ ଅପରାଧିଙ୍କ ହାତରେ ହାତକଡ଼ି ପଡ଼ିଛି ଓ ଗୋଡ଼ରେ ଜଞ୍ଜିର ବନ୍ଧା ହୋଇଛି କିନ୍ତୁ ଅଲ୍ଲାଃଙ୍କ ନିୟତି ଏପରି କି ସେ ନିଜ କାନୁନ୍‌ରେ ଏତେ କୋହଳ କରିଦେଇଛନ୍ତି ଯଦ୍ୱାରା ସେହି ହାତକଡ଼ି ଓ ସେହି ଜଞ୍ଜିର ତତ୍‌କ୍ଷଣାତ୍ ନିଜର ପ୍ରଭାବ ଦେଖାଉନାହାଁନ୍ତି ଓ ଯଦି ପରିଶେଷରେ ମନୁଷ୍ୟ (ଏଥିରୁ) ନିବୃତ୍ତ ନରହେ ତେବେ (ତାହା) ନର୍କ ପର୍ଯ୍ୟନ୍ତ ପହଂଚାଇଦିଏ ଓ ସେହି ଦଣ୍ଡରେ ଦଣ୍ଡିତ କରେ ଯଦ୍ୱାରା ଜଣେ ଅପରାଧି ନା ତ ଜିବୀତ ରହିପାରିବ ଓ ନା ସେ ମରିପାରିବ । ସୁତରାଂ କାନୁନ୍ ହେଉଛି ଦୁଇପ୍ରକାରର । ଗୋଟିଏ ହେଉଛି ସେହି କାନୁନ୍ ଯାହା ଫରିସ୍ତାଙ୍କ ସମ୍ବନ୍ଧୀୟ ଅର୍ଥାତ୍ ସେମାନଙ୍କୁ କେବଳ ଇତାଅତ୍ (ଆଜ୍ଞାବହତା ସ୍ୱୀକାର) କରିବା ପାଇଁ ସୃଷ୍ଟି କରାଯାଇଛି ଓ ସେମାନଙ୍କ ଇତାଅତ୍ ହେଉଛି କେବଳ ପ୍ରାକୃତିକ ଜ୍ୟୋତିର ଏକ ଅଂଶ । ସେମାନେ ପାପ କରିପାରିବେ ନାହିଁ ଓ ପୁଣ୍ୟରେ ଉନ୍ନତି ମଧ୍ୟ କରିପାରିବେ ନାହିଁ । (୨)ଦ୍ୱିତୀୟ କାନୁନ୍ ହେଉଛି ମନୁଷ୍ୟ ସମ୍ବନ୍ଧୀୟ ଅର୍ଥାତ୍ ମନୁଷ୍ୟର ପ୍ରକୃତିରେ ଏହା ରଖାଯାଇଅଛି କି ସେ ପାପ କରିପାରେ କିନ୍ତୁ ପୁଣ୍ୟ କର୍ମରେ ଉନ୍ନତି ମଧ୍ୟ କରିପାରିବ । ଏହି ଦୁଇଗୋଟି ପ୍ରାକୃତିକ କାନୁନ୍ ଅପରିବର୍ତ୍ତନୀୟ ଏବଂ ଯେଉଁପରି ଫରିସ୍ତାମାନେ ମନୁଷ୍ୟ ହୋଇପାରିବେ ନାହିଁ ସେହିପରି ମନୁଷ୍ୟ ମଧ୍ୟ ଫରିସ୍ତା ହୋଇପାରିବେ ନାହିଁ । ଏହି ଦୁଇଗୋଟି କାନୁନ୍ ବଦଳିପାରିବ ନାହିଁ । ଏହା ହେଉଛି ଅନାଦି ଓ ଅଟଳ । ତେଣୁ ଆକାଶର କାନୁନ୍ ପୃଥିବୀରେ ଲାଗୁ ହୋଇପାରିବ ନାହିଁ ଓ ନା ପୃଥିବୀର କାନୁନ୍ ଫରିସ୍ତାଙ୍କ ଉପରେ ଲାଗୁ ହୋଇପାରିବ । ମନୁଷ୍ୟର ଦୋଷ ଦୁର୍ବଳତା ଯଦି ତୌବା (ପଶ୍ଚାତାପ ଓ କ୍ଷମା ପ୍ରାର୍ଥନା) ଦ୍ୱାରା ଶେଷ ହୋଇଯିବ ତେବେ ତାହା ମନୁଷ୍ୟକୁ ଫରିସ୍ତାମାନଙ୍କ ଠାରୁ ମଧ୍ୟ ଭଲ ବନାଇପାରିବ । କାରଣ ଫରିସ୍ତାମାନଙ୍କଠାର ଉନ୍ନତି କରିବାର ସତା ନାହିଁ । ମନୁଷ୍ୟଙ୍କ ପାପ ତୌବା କରିବା ଦ୍ୱାରା କ୍ଷମା କରିଦିଆଯାଏ ଏବଂ ଈଶ୍ୱର ତାଙ୍କ ବିଧାନରେ କିଛି ଲୋକମାନଙ୍କ ମଧ୍ୟରେ ଦୋଷ ଦୁର୍ବଳତାର ଧାରା ବାକି ରଖିଛନ୍ତି, ଯଦ୍ୱାରା ସେମାନେ ପାପ କରି ନିଜ ଦୋଷ ଦୁର୍ବଳତା ବିଷୟରେ ଜାଣିପାରିବେ ଏବଂ ପୁଣି ତୌବା କରି କ୍ଷମା ପାଇବେ । ଏହି କାନୁନ୍ ମନୁଷ୍ୟଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଛି ଓ ଏହାକୁ ମନୁଷ୍ୟର ପ୍ରକୃତି ଚାହିଁଥାଏ । ଭୁଲ୍ କରିବା ମନୁଷ୍ୟ ପ୍ରକୃତିର ଏକ ଅଂଶ ବିଶେଷ (ଏହା) ଫରିସ୍ତାମାନଙ୍କର ଅଂଶବିଶେଷ ନୁହେଁ । ପୁଣି ଯେଉଁ କାନୁନ୍ ଫରିସ୍ତାଙ୍କ ନିମନ୍ତେ ରହିଛି ତାହା ମନୁଷ୍ୟଙ୍କ ନିମନ୍ତେ କିପରି ଲାଗୁ ହୋଇପାରେ । ଈଶ୍ୱରଙ୍କ ପ୍ରତି ଦୋଷ ଦୁର୍ବଳତା ଲଗାଇ ଦିଆଯିବା ହେଉଛି ଏକ ଭୁଲ୍ କଥା । (ଏହା) କେବଳ କାନୁନ୍‌ର ଫଳ ଅଟେ ଯାହା ଏ ପୃଥିବୀ ପୃଷ୍ଠରେ ଜାରି ହେଉଅଛି । ନଉଜୁବିଲ୍ଲାଃ କଣ ଈଶ୍ୱର ଏତେ ଦୁର୍ବଳ ଅଟନ୍ତି ଯେ ତାଙ୍କ ରାଜତ୍ୱ, ପ୍ରକୃତି ଓ ପ୍ରତାପ କେବଳ ଆକାଶ ମଧ୍ୟରେ ହିଁ ସୀମିତ ବା ଏ ଭୂପୃଷ୍ଠର ଆଉ କେହି ଈଶ୍ୱର ଅଛନ୍ତି ଯିଏ ଏ ପୃଥିବୀରେ ବିପରୀତ ରୂପେ କବ୍‌ଜା କରି ରଖିଛି । ଇସାଇମାନଙ୍କୁ ଏକଥାରେ ଜୋର୍ ଦେବା ଠିକ୍ ନୁହେଁ କି କେବଳ ଆକାଶରେ ହିଁ ଈଶ୍ୱରଙ୍କ ରାଜତ୍ୱ ରହିଛି ଯାହା ଏପର୍ଯ୍ୟନ୍ତ ପୃଥିବୀ ପୃଷ୍ଠକୁ ଆସିନାହିଁ କାରଣ ସେମାନେ ଏକଥାକୁ ବିଶ୍ୱାସ କରୁଛନ୍ତି କି ଆକାଶ ବୋଲି କିଛି ବସ୍ତୁ ନାହିଁ । ଏବେ ଯେବେ କି (ସେମାନଙ୍କର ବିଶ୍ୱାସ ଅନୁସାରେ) ଆକାଶ ବୋଲି କିଛି ବସ୍ତୁ ନାହିଁ ଯାହା ଉପରେ ଈଶ୍ୱରଙ୍କ ରାଜତ୍ୱ ହେବ ଓ ପୃଥିବୀ ପୃଷ୍ଠରେ ଏପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜତ୍ୱ ଆସିନାହିଁ ବୋଲି, ତେବେ ଏପରି ଲାଗୁଛି (ଯେପରି) ଈଶ୍ୱରଙ୍କ ରାଜତ୍ୱ କୌଣସି ସ୍ଥାନରେ ମଧ୍ୟ ନାହିଁ । ଯେବେ କି ଆମେ ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ରାଜତ୍ୱକୁ ନିଜ ଆଖିରେ ଦେଖୁଅଛେ କି ତାଙ୍କ କାନୁନ୍ ମୁତାବକ ଆମ ବୟସ ଶେଷ ହେଉଅଛି ଓ ଆମ ଅବସ୍ଥାରେ ପରିବର୍ତ୍ତନ ହେଉଅଛି ଓ ଶହଶହ ପ୍ରକାରର ଦୁଃଖ ଓ ସୁଖକୁ ଆମେ ଦେଖୁଅଛୁ, ହଜାର ହଜାର ଲୋକେ ଈଶ୍ୱରଙ୍କ ନିର୍ଦ୍ଦେଶ ମୁତାବକ ମୃତ୍ୟୁବରଣ କରୁଛନ୍ତି ଓ ହଜାର ହଜାର ଲୋକେ ଜନ୍ମ ହେଉଛନ୍ତି, ଦୁଆ କବୁଲ୍ (ଗ୍ରହଣ) ହେଉଛି, ନିଦର୍ଶନ ପ୍ରକାଶ ହେଉଅଛି । ଏ ପୃଥିବୀ ହଜାର ହଜାର କିସମର ବୃକ୍ଷଲତା ଓ ଫୁଲଫଳ ତା ନିର୍ଦ୍ଦେଶ ଅନୁସାରେ ସୃଷ୍ଟି କରୁଛି ତେବେ କଣ ଏହା ସବୁ କିଛି ଈଶ୍ୱରଙ୍କ ବିନା ରାଜତ୍ୱରେ ହେଉଅଛି । ବରଂ ଆକାଶୀୟ ନକ୍ଷତ୍ର ଗୁଡ଼ିକ ତ ଗୋଟିଏ ରୂପ ଓ ଗୋଟିଏ ଧାରାରେ ପରିଚାଳିତ ହେଉଅଛନ୍ତି ଓ ସେମାନଙ୍କଠାରେ ପରିବର୍ତ୍ତନ ହେବାଦ୍ୱାରା ଜଣେ ପରିବର୍ତ୍ତନକାରୀଙ୍କ ଠିକଣା ମିଳୁଥିବାର କୌଣସି ପ୍ରକାର ଅନୁଭବ ହେଉନାହିଁ କିନ୍ତୁ ଏ ପୃଥିବୀରେ ଅନେକ ପରିବର୍ତ୍ତନ, ବିପ୍ଲବ ଓ ରୂପାନ୍ତରଣ ହେଉଅଛି । ପ୍ରତ୍ୟହ କୋଟିକୋଟି ମନୁଷ୍ୟ ଏ ସଂସାରରୁ ଚାଲିଯାଉଛନ୍ତି ଓ କୋଟିକୋଟି ଜନ୍ମ ହେଉଛନ୍ତି ଓ ପ୍ରତ୍ୟେକ ପାର୍ଶ୍ୱରୁ ପ୍ରତ୍ୟେକ ମାର୍ଗରୁ (ଏ ସବୁ କାର୍ଯ୍ୟ ପଛରେ) ଜଣେ ସୃଷ୍ଟିକର୍ତ୍ତାଙ୍କ ହାତ ଥିବା ଅନୁଭବ ହେଉଅଛି । ତେବେ କଣ ଏପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜତ୍ୱ ପୃଥିବୀରେ ଆସିନାହିଁ । ଏବଂ ଇଞ୍ଜିଲ୍ ଏ ସମ୍ବନ୍ଧରେ କୌଣସି ଦଲିଲ୍ ଉପସ୍ଥାପନ କରିନାହିଁ କି, କାହିଁକି ଏପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜତ୍ୱ ପୃଥିବୀକୁ ଆସିନାହିଁ ।

*(କଶ୍‌ତିନୁହ୍ ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୩୪-୩୭)*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା- ୬ ର ଅବଶିଷ୍ଟାଂଶ ...

ଈଶ୍ୱରଙ୍କ ସମ୍ମୁଖରେ ନତମସ୍ତକ ହେଲେ । ଏହାପରେ ଆଁ ହଜରତ୍ ସ:ଆ:ସ ଜିହାଦ୍ ବିଷୟରେ ଏକ ଖୁତ୍‌ବା ପ୍ରଦାନ କଲେ । ପୁଣି ଯେବେ ଟିକିଏ ଆଲୋକିତ ହେଲା ସେତେବେଳେ ଆପଣ ସ:ଆ:ସ ଗୋଟିଏ ତୀର ସାହାଯ୍ୟରେ ମୁସଲମାନ୍ ମାନଙ୍କ ଧାଡ଼ିକୁ ସଜାଇବା ଆରମ୍ଭ କରିଦେଲେ । ଜଣେ ସାହାବୀ ଯାହାଙ୍କ ନାମ ସୱାଦ୍ ଥିଲା ସେ ସଫ୍ (ଧାଡ଼ି)ରୁ କିଛିଟା ଆଗକୁ ବାହାରିପଡ଼ି ଛିଡା ହୋଇଥିଲେ । ଆପଣ ସ:ଆ:ସ ତାକୁ ତୀର ଦ୍ୱାରା ଇଙ୍ଗିତ କରି ପଛକୁ ଫେରିଯିବାପାଇଁ କହିଲେ । କିନ୍ତୁ ସଂଯୋଗ ବଶତଃ ଆପଣ ସ:ଆ:ସଙ୍କ ତୀରର ବାଡ଼ିଟି ତାଙ୍କ ଛାତିରେ ଯାଇ ଲାଗିଲା । ସେ ନିର୍ଭିକ ଶୈଳୀରେ କହିଲା କି ହେ ରସୁଲୁଲ୍ଲାଃ! ଆପଣଙ୍କୁ ଈଶ୍ୱର ସତ୍ୟ ଓ ନ୍ୟାୟର ସହିତ ପ୍ରେରଣ କରିଛନ୍ତି । (ଏହା ଏକ ଅଜବା ଘଟଣା କି ତୀର ଦ୍ୱାରା ଲାଇନ୍ ଠିକ୍ କରୁଥିଲେ । ତେବେ ତୀରର କାଠଟି ଲାଇନ୍ ବାହାରକୁ ବାହାରି ତାଙ୍କ ଛାତିରେ ଲାଗିଗଲା । ସେ ବହୁତ ସାହସରେ କହିଲା କି ଆପଣମାନଙ୍କୁ ଈଶ୍ୱର ସତ୍ୟ ଓ ନ୍ୟାୟ ସହିତ ପ୍ରକଟ କରିଛନ୍ତି) କିନ୍ତୁ ଆପଣ ମୋତେ ଅକାରଣରେ ତୀର ମାରିଛନ୍ତି । ଈଶ୍ୱରଙ୍କ ରାଣ ମୁଁ ଏହାର ମୁଁ ଏହାର ପ୍ରତିଶୋଧ ନେବି । ହଜୁର ସ.ଆ ଅତ୍ୟନ୍ତ ନମ୍ରତାର ସହିତ କହିଲେ ଠିକ୍ ଅଛି ମୁଁ ତୁମକୁ ତୀର ମାରିଛି ତେଣୁ ତୁମେ ମୋତେ ତୀର ମାରିନିଅ । ହଜୁର ନିଜ ଛାତିରୁ ବସ୍ତ୍ର ଉଠାଇ ଦେଲେ, ସୱାଦ୍ ଆଗକୁ ବଢି ପ୍ରେମର ସହିତ ଆପଣଙ୍କ ଛାତିକୁ ଚୁମ୍ବନ ଦେବାକୁ ଲାଗିଲେ । ହଜୁର ସ.ଆ ହସିକରି କହିଲେ ସୱାଦ୍! ଏପରି ଚିନ୍ତା ତୁମ ମନରେ କାହିଁ ଆସିଲା ? ସେ ଭାବବିହୋଳ ହୋଇ କହିଲେ ହଜୁର ଶତ୍ରୁ ସମ୍ମୁଖରେ ଛିଡ଼ା ହୋଇଛନ୍ତି କିଛି ଜଣା ନାହିଁ ଏଠାରୁ ଜୀବିତ ଫେରିପାରିବା କି ନାହିଁ । ମୁଁ ମନେକଲି ଶହିଦ୍ ହେବା ପୂର୍ବରୁ ଆପଣଙ୍କ ପବିତ୍ର ଶରୀର ସହ ନିଜ ଶରୀରକୁ ସ୍ପର୍ଶ କରି ପ୍ରେମ କରିଦିଏ । ଏଥିରେ ହଜୁର ଆପଣଙ୍କ ମଙ୍ଗଳ କାମନା କରି ଦୁଆ କଲେ । (ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ, ହଜରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୩୫୭-୩୫୮), (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୫୯୦, ସୱାଦ୍ ବିନ୍ ଗଜୟା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲମିୟା ବେରୁତ୍)

ଏହି ସାହାବା ମାନଙ୍କର ଆଁ ହଜରତ୍ ସ:ଆ:ସଙ୍କ ସହିତ ପ୍ରେମ ଓ ଭଲପାଇବାର ମଧ୍ୟ ଅଜବ ଶୈଳୀ ଥିଲା । ହଜରତ୍ ଉକାସା ର:ଅଙ୍କ ଗୋଟିଏ ଘଟଣା ଆସୁଛି କି ସେ ଅଧିକା ବୟସରେ ଯାଇ (ଅର୍ଥାତ୍) ବହୁତ ପର ସମୟର କଥା ଓ ଏହା ଆରମ୍ଭ ସମୟର କଥା । ସେ ସର୍ବଦା ଏ ଅପେକ୍ଷାରେ ରହୁଥିଲେ ଅର୍ଥାତ୍ ଏ ଚେଷ୍ଟା କରୁଥିଲେ କି କିପରି କୌଣସି ଅବସର ମିଳିଯିବ ଯଦ୍ୱାରା ଆମେ ନା କେବଳ ଆଁ ହଜରତ୍ ସ:ଆ:ସଙ୍କ ସହିତ ପ୍ରେମର ପ୍ରକାଶ କରିବୁ ବରଂ ଆଁ ହଜରତ୍ ସ:ଆ:ସଙ୍କ ନିକଟରୁ ବରକତ୍ ହାସଲ୍ ମଧ୍ୟ କରିନେବୁ ।

ଅଲ୍ଲାଃତାଲା ଏହି ଉଜ୍ଜ୍ୱଳମୟ ତାରକାପୁଞ୍ଜମାନଙ୍କ ବୈକୁଣ୍ଠରେ ସ୍ତର ବୃଦ୍ଧି କରିଚାଲନ୍ତୁ ଏବଂ ଆମକୁ ମଧ୍ୟ ହଜୁର ସ.ଆଙ୍କ ସହ ପ୍ରେମ କରିବାର ବାସ୍ତବିକତାକୁ ବୁଝିବାକୁ ଶକ୍ତି ପ୍ରଦାନ କରନ୍ତୁ ।

## କୈରଙ୍ଗ

(ଟିକାୟତ ଅଲୀ ମୁହମ୍ମଦ୍)

ସୁନାର କଳସ କେରଳ ସଦୃଶ  
ମଉଡମଣୀ ମୋ ଗାଁ  
କେରଙ୍ଗ ତାହାରି ନାଁ ।  
ଖିଲାଫତ୍ ପଥକୁ ରଖ ସଫା  
ଯେପରି ଚଲିଲେ ପାଦରେ ନଫୁଟିବ କଂଟା ।  
ଉଡି ଚଲ ହେ ସ୍ୱଚ୍ଛ ଆକାଶେ  
ଶାନ୍ତିର କପୋତ ହୋଇ,  
ସତ୍ ଚିନ୍ତାରେ କଟାଓ ଦିନ  
ନହେଲେ ନମାଜ ବିହୀନ ଏ ଜୀବନ  
ହେବ କାକ ସମାନ  
ଅଗାଢ଼ ବିଶ୍ୱାସ ରଖି ଜିବନେ  
ଦୁଃଖୀଜନ ସେବା କରି ।  
ସତ୍ୟପଥର ପଥିକ ସାଜି ।  
ସୁବିଚାରରେ ତାଳେତାଳେ ପାଦ ରଖି ।  
ଅବହେଳା କରନାହିଁ ଚାଲିବା ପାଇଁ  
ଧ୍ୱଜଧରି ଅହେମଦୀୟାର  
ତ୍ୟାଗ ରାଜପଥେ  
ଛାଡ଼ିଦିଅ ସବୁ ଅଲ୍ଲାଃଙ୍କ ହାତେ ।  
କେରଙ୍ଗକୁ କର କେରଳ । ହୁଅ ତୁମେ ବିରଳ

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ଓ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିଆ (ନବୀ ସ:ଆ:ସଙ୍କର କଥନ), ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

# ଖୁତ୍‌ବା ଜୁମା

**ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବା ମାନଙ୍କ ମଧ୍ୟରୁ ହଜ୍‌ରତ୍ ଖଲାଦ୍ ବିନ୍ ରାଫେ ଜୁରକି, ହଜ୍‌ରତ୍ ହାରିସା ବିନ୍ ସୁରାକା, ହଜ୍‌ରତ୍ ଅବାଦ୍ ବିନ୍ ବିଶର୍, ହଜ୍‌ରତ୍ ସୱାଦ୍ ବିନ୍ ଗଜିୟା ରିଜ୍‌ୱାନୁଲ୍ଲାହି ଆଲୈହିମ୍ ଅଜମଇନ୍‌ଙ୍କ ଜୀବନଚରିତ, ସେମାନଙ୍କ ଇମାନ୍ ଓ ନିଷ୍ଠା, ସତ୍ୟପ୍ରେମ ଓ ଭକ୍ତି, ରସୁଲ୍‌ଙ୍କ ସହିତ ପ୍ରେମ କରିବା ଓ ଭଲପାଇବାର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

**ଅଲ୍ଲାଃତାଲା ଏହି ଉଜ୍ଜ୍ୱଳମୟ ତାରକାପୁଞ୍ଜମାନଙ୍କ ବୈକୁଣ୍ଠରେ ସ୍ତର ବୃଦ୍ଧି କରିଚାଲନ୍ତୁ ଏବଂ ଆମକୁ ମଧ୍ୟ ହଜୁର ସ.ଆଙ୍କ ସହ ପ୍ରେମ କରିବାର ବାସ୍ତବିକତାକୁ ବୁଝିବାକୁ ଶକ୍ତି ପ୍ରଦାନ କରନ୍ତୁ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍ତ: ୨୦ ଜୁଲାଇ ୨୦୧୮ ଅନୁଯାୟୀ ୨୦ ୱଫା ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ହଜରତ ମହମ୍ମଦ ସ.ଆଙ୍କର ଜଣେ ଅନ୍‌ସାରୀ ସାହାବୀ ଥିଲେ ଯାହାଙ୍କର ନାମ ଥିଲା ହଜରତ ଖଲ୍ଲାଦ ବିନ୍ ରାଫେ ଜୁରକି । ସେ ସେହି ଭାଗ୍ୟବାନ ଲୋକମାନଙ୍କ ମଧ୍ୟରେ ସାମିଲ୍ ଥିଲେ ଯେଉଁମାନେ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ । ତାଙ୍କୁ ଅଲ୍ଲାଃତାଲା ଅନେକ ସନ୍ତାନ ମଧ୍ୟ ପ୍ରଦାନ କରିଥିଲେ । (ତବକାଉଲ୍ କୁବ୍‌ରାଃ, ଖଣ୍ଡ-୩, ପୃଷ୍ଠା-୪୪୭, ଖଲାଦ୍ ବିନ୍ ରାଫେ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ ୧୯୯୦)ଗୋଟିଏ ରିୱାୟତ୍‌ରେ ଆସୁଛି କି ହଜରତ ମୁଆଜ୍ ବିନ୍ ରିଫାଆ ନିଜ ପିତାଙ୍କ ଠାରୁ ରିୱାୟତ୍ କରୁଛନ୍ତି କି ମୁଁ ନିଜ ଭ୍ରାତା ହଜରତ ଖଲ୍ଲାଦ୍ ବିନ୍ ରାଫେ ଓ ହଜୁର ସ.ଆଙ୍କ ସହିତ ଗୋଟିଏ ଅତି ଦୁର୍ବଳ ଓ ଭାରାକ୍ଲାନ୍ତ ଓଟ ଉପରେ ବସି ବଦର ଯୁଦ୍ଧରେ ହାଜର ହେବା ନିମନ୍ତେ ବାହାରି ବରିଦ ସ୍ଥାନରେ ପହଂଚିଲୁ ଯାହାକି ରୋହା ନାମକ ସ୍ଥାନ ପଛରେ ଅବସ୍ଥିତ । ସେଠାରେ ଆମ ଓଟଟି ବସି ପଡ଼ିଲା, ସେଠାରେ ମୁଁ ଦୁଆ କଲି ହେ ଅଲ୍ଲାଃ! ମୁଁ ତୁମକୁ ପ୍ରତିଜ୍ଞା କରି କହୁଅଛୁ ଯଦି ତୁମେ ଆମକୁ ଏହି ଓଟ ଦ୍ୱାରା ମଦିନାରେ ପହଂଚାଇ ଦିଅ ତେବେ ଆମେ ତାହାକୁ ତୁମ ମାର୍ଗରେ ବଳିଦାନ କରିଦେବୁ । ଆମେ ଏହି ଅବସ୍ଥାରେ ଥିଲୁ କି ହଜୁର ସ.ଆ ଆମ ନିକଟ ଦେଇ ଅତିକ୍ରମ କଲେ ଏବଂ ଆମକୁ ପଚାରିଲେ କି ତୁମ ଦୁଇଜଣକର କ'ଣ ହୋଇଛି ? ଆମେ ସମସ୍ତ ଘଟଣା ସମ୍ବନ୍ଧରେ ଆପଣଙ୍କୁ ଅବଗତ କଲୁ । ହଜୁର ସ.ଆ ଆମ ନିକଟରେ ରହି ଓ୍ୱଜୁ କଲେ ଏବଂ ଅବଶିଷ୍ଟ ଜଳରେ ନିଜ ପବିତ୍ର ଛାପ ପକାଇ ଆମକୁ ଆଦେଶ ଦେଲେ ଓଟର ମୁହଁ ଖୋଲ । ତାପରେ ହଜୁର ତାହା ମୁହଁରେ କିଛି ଜଳ ଦେଲେ ଏବଂ ତାହାର ମୁଣ୍ଡ, ବେକ, କାନ୍ଧ, କୁହାନ୍(କୁଜ), ପିଠି, ଲାଞ୍ଜ ଇତ୍ୟାଦି ଉପରେ ଜଳ ସିଂଚନ କଲେ । ତାପରେ ହଜୁର ଦୁଆ କଲେ ହେ ଅଲ୍ଲାଃ! ରାଫେ ଓ ଖଲ୍ଲାଦଙ୍କୁ ଏହି ଓଟରେ ଆରୋହଣ କରାଇ ନେଇଯାଅ । ତାପରେ ହଜୁର ସ.ଆ ଚାଲିଗଲେ ଏବଂ ଆମେ ମଧ୍ୟ ଚାଲିବା ପାଇଁ ଛିଡ଼ା ହେଲୁ ଏପରିକି ଆମେ ହଜୁର ସ.ଆଙ୍କୁ ମୁନସିଫ୍ ସ୍ଥାନରେ ଭେଟିଲୁ ଏବଂ ଆମ ଓଟ ଦଳରେ ସମସ୍ତଙ୍କ ଆଗରେ ଥିଲା ହଜୁର ସ.ଆ ଆମକୁ ଦେଖି ଆନନ୍ଦିତ ହେଲେ । ଆପଣଙ୍କ ଦୁଆ ଫଳରେ ଉକ୍ତ ଓଟର ଦୁର୍ବଳତା ସମ୍ପୂର୍ଣ୍ଣ ରୂପେ ଉଭେଇ ଯାଇଥିଲା । ସେ କୁହନ୍ତି ଆମେ ଯାତ୍ରା ଅବ୍ୟାହତ ରଖିଲୁ ଏପରିକି ବଦର ସ୍ଥାନରେ ପହଂଚିଗଲୁ । ବଦରରୁ ପ୍ରସ୍ଥାନ କରିବା ବେଳେ ଉକ୍ତ ଓଟଟି ପୁନଶ୍ଚ ମୁସଲି ସ୍ଥାନରେ ବସି ପଡ଼ିଲା (ଅର୍ଥାତ୍ ଉଠିଲା ନାହିଁ) ତାପରେ ମୋ ଭାଇ ତାହାକୁ ଜବାଃ କରି ତାହାର ମାଂସ ବାଣ୍ଟି ଦେଲେ ଏବଂ ଆମେ ସେ ସବୁକୁ ସଦ୍‌କା କରିଦେଲୁ । (କିତୁବୁଲ୍ ମଗାଜି ଲିଲ୍ ୱାକ୍‌ଦି, ବାବ୍ ବଦ୍‌ରୁଲ୍ କିତାଲ, ପ୍ରଥମ ଖଣ୍ଡ, ପୃଷ୍ଠା-୨୫, ଆଲିମୁଲ୍ କୁତୁବ୍ ୧୯୮୪) (ଅସଦୁଲ୍ ଗାବା ଖଣ୍ଡ-୨, ପୃଷ୍ଠା-୧୮୧, ଖଲାଦ୍ ବିନ୍ ରାଫେ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ) ଗୋଟିଏ ମାନସିକ କରିଥିଲେ କି ଯେବେ ସେ କାମ ପୁରଣ ହୋଇଯିବ ତା ପରେ ଆମେ (ସେହି ଓଟଟିକୁ) ଜେଭ କରିଦେବୁ । ତେଣୁ ତା ମୁତାବକ ସେମାନେ ସେହି କାର୍ଯ୍ୟଟିକୁ ସମ୍ପାଦନ କଲେ ।।

ଆଉ ଜଣେ ସାହାବା ହଜରତ ହାରସା ବିନ୍ ସୁରାକା ନାମି ଅଟନ୍ତି ଯାହାଙ୍କ ଦେହାନ୍ତ ୨ ହିଜରୀରେ ବଦର ଯୁଦ୍ଧରେ ଘଟିଥିଲା । ତାଙ୍କ ମାତା ହଜରତ ରବିୟା ବିନତ୍ ନଜର ହଜରତ ଅନସ ବିନ୍ ମାଲିକ୍‌ଙ୍କର ସେ ଫୁପୁ ଥିଲେ । (ଅଲ୍ ଅସାବା ଫି ତମିଜିସ୍ ସାହାବା, ଖଣ୍ଡ-୧, ପୃଷ୍ଠା-୭୦୪, ହାର୍‌ସା ବିନ୍ ସୁରାକା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ ବେରୁତ୍ ୧୯୯୫) ହିଜରତ (ପ୍ରବାସ) କରିବା ପୂର୍ବରୁ ସେ ମୁସଲମାନ ହୋଇଯାଇଥିଲେ ଯେତେବେଳେ କି ତାଙ୍କ ପିତାଙ୍କର ଦେହାନ୍ତ ଘଟିଥିଲା । (ସିରତ୍ ସାହାବା ର:ଅ, ଖଣ୍ଡ-୩, ପୃଷ୍ଠା-୨୯୯, ମୁଦ୍ରଣ ଦାରୁଲ୍ ଇଶାଅତ୍ କରାଚି ୨୦୦୪) ହଜୁର ସ.ଆ ତାଙ୍କ ଓ ହଜ୍‌ରତ୍ ସାଇବ୍ ବିନ୍ ଉସମାନ ବିନ୍ ମଜଉନ୍‌ଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୦୭, ସାଏବ୍ ବିନ୍ ଉସ୍‌ମାନ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ମୁଆଖାତ୍‌ର ଚୁକ୍ତି କରାଇଥିଲେ ଅର୍ଥାତ୍ ଭାଇଭାଇର ବନ୍ଧନ ହୋଇଥିଲା । ଅବୁ ନଇମ୍ ବର୍ଣ୍ଣନା କରୁଛନ୍ତି କି ହଜରତ ହାରସା ବିନ୍ ସୁରାକା ନିଜ ମାତାଙ୍କ ସହ ଅତ୍ୟନ୍ତ ନମ୍ର ଆଚରଣ କରୁଥିଲେ, ଏପରିକି ତାଙ୍କ ସମ୍ବନ୍ଧରେ ଏକଦା ହଜୁର ସ.ଆ କହିଲେ ମୁଁ ବୈକୁଣ୍ଠରେ ପ୍ରବେଶ କଲି ଏବଂ ସେଠାରେ ହଜରତ ହାରସାଙ୍କୁ ଦେଖିଲି । ହବାବ ବିନ୍ ଅରିକା ବଦର ଯୁଦ୍ଧରେ ତାଙ୍କୁ ଶହିଦ କରିଥିଲେ । ସେ ତାଙ୍କୁ ସେତେବେଳେ ତୀର ମାରିଲା ଯେତେବେଳେ କି ଆପଣ ପାଣି କୁଣ୍ଡରୁ ପାଣି ପିଉଥିଲେ, ଯାହାକି ଆପଣଙ୍କ ଗଳାରେ ପ୍ରବେଶ କରିଯାଇଥିଲା ଯଦ୍ୱାରା ଆପଣ ଶହିଦ୍ ହୋଇଗଲେ । ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି କି ରସୁଲେ କରିମ୍ ସ:ଆ:ସ ପାଦରେ ଚାଲୁଥିବା ସମୟରେ ଜଣେ ଅନ୍‌ସାରୀ ଯୁବକ ଆପଣଙ୍କ ସମ୍ମୁଖକୁ ଆସିଲା । ହଜୁର ସ.ଆ ତାଙ୍କୁ ପଚାରିଲେ ହେ ହାରସା! ତୁମେ ସକାଳ କେମିତି କଲ ସେ ଉତର ଦେଲେ ମୁଁ ଅଲ୍ଲାଃଙ୍କ ଉପରେ ଦୃଢ ଆସ୍ଥା ରଖିବା ଅବସ୍ଥାରେ ସକାଳ କଲି । ହଜୁର ସ.ଆ କହିଲେ ଦେଖ ତୁମେ କ'ଣ କହୁଅଛ କାରଣ ପ୍ରତ୍ୟେକ କଥାର ଗୋଟିଏ ସତ୍ୟାସତ୍ୟ ରହିଛି । ସେ ନବଯୁବକ ଜଣକ କହିଲେ ହେ ଅଲ୍ଲାଃଙ୍କ ରସୁଲ ମୋ ହୃଦୟ ସଂସାରର ମୋହ ମାୟାରୁ ତୁଟିଗଲାଣି । ମୁଁ ରାତି ସାରା ଜାଗି ରହୁଛି ଓ ଦିନସାରା ଶୋଷିଲା ରହୁଛି ଅର୍ଥାତ ଉପବାସ କରି ଅଲ୍ଲାଃଙ୍କ ଆରାଧନା କରୁଅଛି ଏବଂ ରୋଜା ରଖୁଛି ଯେପରି ମୁଁ ନିଜ ସର୍ବଶକ୍ତିମାନ୍ ପାଳନକର୍ତାଙ୍କ ବସିବାର ସ୍ଥାନ (ସିଂହାସନ)କୁ ସ୍ୱଚକ୍ଷୁରେ ଦେଖୁଅଛି ଯେପରିକି ମୁଁ ବୈକୁଣ୍ଠବାସୀଙ୍କୁ ଦେଖୁଅଛି ତଥା ସେମାନଙ୍କ ସହ ସାକ୍ଷାତ କରୁଅଛି । ସେମାନେ ଜଣେ ଅନ୍ୟଜଣଙ୍କ ସହିତ ସାକ୍ଷାତ୍ କରୁଛନ୍ତି । ପୁଣି ନର୍କବାସୀଙ୍କୁ ଦେଖୁଅଛି ଯେ କି ସେଠାରେ ଚିତ୍କାର କରୁଛନ୍ତି ହଜୁର ସ.ଆ ତାଙ୍କୁ କହିଲେ ତୁମେ ଏହିଥିରେ ପ୍ରତିଷ୍ଠିତ ରୁହ, ତୁମେ ଜଣେ ଏପରି ଭକ୍ତ ଅଟ ଯାହାଙ୍କ ହୃଦୟରେ ଅଲ୍ଲାଃତାଲା ବିଶ୍ୱାସକୁ ଉଜ୍ଜ୍ୱଳମୟ କରିଦେଇଛନ୍ତି । ତାପରେ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ ମୋ ପାଇଁ ଶହିଦ ହେବାର ଦୁଆ କରନ୍ତୁ । ଅତଃ ହଜୁର ତାଙ୍କ ପାଇଁ ଦୁଆ କଲେ ଏବଂ ବଦର୍ ଯୁଦ୍ଧ ଦିନ ଯେବେ ଘୋଡା ଚାଳକକୁ ଡକାଗଲା ସେତେବେଳେ ସେ ସର୍ବପ୍ରଥମେ ବାହାରିଲେ ଓ ଘୋଡାରେ ବସିଥିଲେ ଓ ଶହିଦ୍ ହେଲେ । ଲେଖାଅଛି ସେ ପ୍ରଥମ ଅନ୍‌ସାରୀ ସାହାବି ଥିଲେ ଯେ ବଦର ଯୁଦ୍ଧରେ ଶହିଦ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କ ଶହିଦ ହେବାର ଖବର ଯେତେବେଳେ ତାଙ୍କ ମାତାଙ୍କ ନିକଟରେ ପହଂଚିଲା । ତେବେ ତାଙ୍କ ମାତା ହଜ୍‌ରତ୍ ରବ୍‌ବିୟା ସେତେବେଳେ ସେ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ କହିଲେ ଆପଣଙ୍କୁ ତ ଜଣା ଅଛି କି ହାରସାଙ୍କ ସହିତ ମୁଁ କେତେ ସ୍ନେହ କରୁଥିଲି, ସେ ମୋର ବହୁତ ସେବା କରୁଥିଲେ । ଯଦି ସେ ବୈକୁଣ୍ଠବାସୀ ମଧ୍ୟରେ ଅନ୍ତର୍ଭୁକ୍ତ ତେବେ ମୁଁ ଧୈର୍ଯ୍ୟ ଧରିନେବି କିନ୍ତୁ ଯଦି ଏପରି ନୁହେଁ ତେବେ ଅଲ୍ଲାଃ ହିଁ ଖୁବ୍ ଜାଣନ୍ତି କି ମୁଁ କ'ଣ କରିବସିବି । ହଜୁର ସ.ଆ କହିଲେ ହେ ଉମ୍ମେ ହାରସା! ବୈକୁଣ୍ଠ ଗୋଟିଏ ନୁହେଁ ବରଂ ଅନେକ ଏବଂ ହାରସା ତ ଫିର୍‌ଦୋସେ ଆଲା (ବୈକୁଣ୍ଠର ଉଚ୍ଚତମ) ସ୍ତରରେ ବିରାଜିତ ଅଛନ୍ତି । ଏଥିରେ ସେ କହିଲେ କି ମୁଁ ନିଶ୍ଚିତ ରୂପେ ଧୈର୍ଯ୍ୟ ରଖିବି । ଆଉଗୋଟିଏ ରିୱାୟତ୍ ମୁତାବକ ଯେବେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ହାର୍‌ସା ତ ଫିରଦୋସେ ଆଲା (ବୈକୁଣ୍ଠ)ରେ ଅଛନ୍ତି ତେବେ ଏଥିରେ ତାଙ୍କ ମାତା ସେଠାରୁ ପ୍ରସନ୍ନିତ ହୋଇ ଖୁସି ହୋଇ ଫେରି ଆସିଲେ ଏବଂ କହୁଥିଲେ ଧନ୍ୟ ଧନ୍ୟରେ ପୁତ୍ର ହାରସା । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୫୦-୬୫୧, ହାର୍‌ସା ବିନ୍ ସୁରାକା ର:ଅ, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ)

ବଦର୍ ଯୁଦ୍ଧ ଅବସରରେ ଖୁଦାତାଲା କୁଫାର୍ (ଅମାନ୍ୟକାରୀ) ମାନଙ୍କ ସର୍ଦ୍ଦାର ମାନଙ୍କୁ ମାରିଦେଇ କୁଫାର୍‌ଙ୍କୁ ବୈଜତ୍ କଲେ ଏବଂ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ମୁସଲ୍‌ମାନ୍ ମାନଙ୍କୁ ସମ୍ମାନ ପ୍ରଦାନ କଲେ ଓ ଖୁଦାତାଲା ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବାମାନଙ୍କ ସମ୍ବନ୍ଧରେ ଖବରପାଇ କହିଲେ କି ତୁମେ ତୁମ ମନଇଛା ଯାହା କରିଲେ ବି ତୁମେ ସ୍ୱର୍ଗପ୍ରାପ୍ତି କରିବ । ଅଲ୍ଲାଃତାଲା ଅହ୍‌ଲେ ବଦର୍ (ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବୀମାନଙ୍କୁ) କହିଲେ କି ତୁମ ଇଛା ତୁମେ ଯାହା କରିଲେ ବି ତୁମକୁ ଜନ୍ନତ ମିଳିବ । ଏହାର ଅର୍ଥ ଏହା ନଥିଲା କି ମନଇଛା ଯାହାଚାହଁ କର ଅର୍ଥାତ୍ ଏବେ ଯଦି ପାପ ମଧ୍ୟ କରିବ ତେବେ ଜନ୍ନତ

ଯିବ ବୋଲି (ବରଂ) ଏହାର ଅର୍ଥ ହେଉଛି ଏବେ ତାଙ୍କ ଦ୍ୱାରା ଏପରି କୌଣସି କଥା ବା କାର୍ଯ୍ୟ ହେବନାହିଁ ଯାହା ଅଲ୍ଲାଃତାଲାଙ୍କ ଶିକ୍ଷାର ବିରୋଧ । ଅଲ୍ଲାଃତାଲା ସ୍ୱୟଂ ସେମାନଙ୍କର ମାର୍ଗଦର୍ଶନ କରିଚାଲିବେ । ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ହାର୍‌ସା ବିନ୍ ସୁରାକା ର:ଅଙ୍କ ସମ୍ବନ୍ଧରେ କହିଲେ, ଯିଏ ବଦର୍ ଯୁଦ୍ଧ ଦିନ ଶହିଦ୍ ହୋଇଯାଇଥିଲେ, କି ସେ ଜନ୍ନତୁଲ୍ ଫିର୍‌ଦୋସ୍‌ରେ ଅଛନ୍ତି । (ଶରହ୍ ଜର୍‌କାନି, ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୨୫୭, ବାବ୍ ଗଜୁଆଏ ବଦର୍ ଅଲ୍ କୁବ୍‌ରାଃ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୬)

ଆଉ ଜଣେ ସାହାବି ହଜରତ ଅବାଦାଃ ବିନ୍ ବଶିର ୧୧ ହିଜରୀରେ ୟମାମା ଯୁଦ୍ଧରେ ଦେହତ୍ୟାଗ କରିଥିଲେ । ହଜରତ ଅବାଦ ବିନ୍ ବଶିରଙ୍କ ସଂଜ୍ଞା ଅବୁ ବଶର ଓ ଅବୁ ରବିଈ ଅଟେ । ତାଙ୍କ ସମ୍ପର୍କ ବନୁ ଅବଦ୍ଦୁଲ୍ ଅଶହଲ୍ କବିଲା (ଦଳ) ସହ ଥିଲା । ତାଙ୍କର ଏକମାତ୍ର କନ୍ୟା ସନ୍ତାନ ଥିଲେ, ସେ ମଧ୍ୟ ମରିଯାଇଥିଲେ । ସେ ମଦିନାରେ ହଜରତ ମୁସେବ ବିନ୍ ଅମିରଙ୍କ ହାତରେ ହଜରତ ସାଦ ବିନ୍ ମାଜ ଓ ହଜରତ ଉସେଦ ବିନ୍ ହୁଜେରଙ୍କ ପୂର୍ବରୁ ଇସଲାମ ସ୍ୱୀକାର କରିଥିଲେ । ମଦିନାରେ ଭାତୃଭାବର ସମ୍ପର୍କ ସ୍ଥାପନ କରିବା ସମୟରେ ହଜୁର ସ.ଆ ତାଙ୍କର ଅବୁ ହୁଜେଫା ବିନ୍ ଉତ୍‌ବାଙ୍କ ସହ ଭାତୃଭାବ ସ୍ଥାପନ କରାଇଥିଲେ । ହଜରତ ଅବାଦ ବିନ୍ ବଶିର ବଦର, ଓ୍ୱହଦ, ଖନ୍ଦକ ତଥା ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସହିତ ସାମିଲ ଥିଲେ । ଆପଣ ସେହି ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ, ଯାହାଙ୍କୁ ହଜୁର ସ.ଆ କାବ ବିନ୍ ଅଶରଫଙ୍କୁ ହତ୍ୟା କରିବାକୁ ପ୍ରେରଣ କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୩୬, ଅବାଦ୍ ବିନ୍ ବଶିର୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

କାବ୍ ବିନ୍ ଅଶରଫଙ୍କୁ ହତ୍ୟା କରିବାର ଘଟଣା ବିଷୟରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ବିଭିନ୍ନ ଇତିହାସରୁ ସଙ୍କଳନ କରି ସିରତ୍ ଖାତମୁନ୍ ନବୀଇନ୍‌ରେ ମଧ୍ୟ ଲେଖିଛନ୍ତି । ତାଙ୍କ ଲେଖିଥିବା ଘଟଣାଟି ହେଉଛି ଏପରି- "ବଦର୍ ଯୁଦ୍ଧ ସମୟରେ ଯେଉଁଭଳି ମଦିନାର ୟୁହୁଦୀମାନଙ୍କର ମନଭିତରେ ଥିବା ଘୃଣାଭାବକୁ ପ୍ରକାଶ କରିଦେଇଥିଲା..... (ବଦର୍ ଯୁଦ୍ଧ ସମୟରେ ମଦିନାର ୟୁହୁଦୀ ମାନଙ୍କର ଏ ଧାରଣା ଥିଲା କି ଏବେ କୁଫାର୍‌ମାନେ ମୁସଲ୍‌ମାନ୍ ମାନଙ୍କୁ ଶେଷ କରିଦେବେ । କିନ୍ତୁ ଯୁଦ୍ଧର ପରିଣତି ମୁସଲ୍‌ମାନଙ୍କ ସପକ୍ଷରେ ଚାଲିଗଲା । ମୁସଲ୍‌ମାନ୍ ମାନେ ବିଜୟୀ ହେଲେ । ସେଥିଯୋଗୁ ୟୁହୁଦୀମାନଙ୍କର ଘୃଣାଭାବ ପ୍ରକାଶ ପାଇଗଲା) ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି ଦୁଃଖର ବିଷୟ ଯେ "ବନୁ କଏନ୍‌କାଆର ଦେଶାନ୍ତରଣ ମଧ୍ୟ ଅନ୍ୟ ୟୁହୁଦୀମାନଙ୍କୁ ଇସ୍‌ଲାହ୍ କରିବା ପାଇଁ ପ୍ରବର୍ତାଇ ପାରିଲା ନାହିଁ ଏବଂ ସେମାନେ ନିଜର ଦୁଷ୍ଟାମୀ ଓ କୁଟୀଳ କର୍ମରେ ବଢ଼ି ଚାଲିଲେ । ତେଣୁ କାବ୍ ବିନ୍ ଅଶରଫଙ୍କ ହତ୍ୟା ଘଟଣା ଏହି ସିଲ୍‌ସିଲା (ଚେନ୍)ର ଗୋଟିଏ କଡି । କାବ୍ ଯଦିଚ ଜଣେ ୟୁହୁଦୀ ଥିଲା କିନ୍ତୁ ବାସ୍ତବରେ ସେ ୟୁହୁଦୀଙ୍କ ସନ୍ତାନ ନଥିଲା ବରଂ ଜଣେ ଆରବୀୟ ଥିଲା । ତାର ବାପା ଅଶରଫ୍ ବନୁ ନଭାନ୍‌ର ଜଣେ ହୁସିଆର ଓ ଚାଲାକ୍ ବ୍ୟକ୍ତି ଥିଲା ଯିଏ ମଦିନାରେ ଆସି ବନୁ ନଜିର୍ ସହିତ ସମ୍ପର୍କ ସୃଷ୍ଟି କରିଥିଲା ଓ ତାଙ୍କର ବନ୍ଧୁ ହୋଇଗଲା । ପରିଶେଷରେ ସେ ନିଜର ମାନ ମର୍ଯ୍ୟାଦା ଏତେ ମାତ୍ରାରେ ସୃଷ୍ଟି କରିନେଲା କି ବନୁ ନଜିର୍ କବିଲାର ବଡ଼ ସର୍ଦ୍ଦାର ଅବୁ ରାଫେବିନ୍ ଅବୁଲ୍ ହାକିକ୍ ନିଜ ଝିଅକୁ ତା ସହିତ ବିବାହ ଦେଇଦେଲେ । ସେହି ଝିଅର ଔରସରୁ କାବ୍ ଜନ୍ମ ହେଲେ ଓ ସେ ବଡ଼ ହୋଇ ନିଜ ବାପାଙ୍କ ଠାରୁ ମଧ୍ୟ ବଳି ମାନମର୍ଯ୍ୟାଦା ହାସଲ୍ କରିନେଲେ । ଏପରିକି ଶେଷରେ ତାଙ୍କୁ ଏ ମାନ ମର୍ଯ୍ୟାଦା ହାସିଲ୍ ହୋଇଗଲା କି ସମସ୍ତ ଆରବୀୟ ୟୁହୁଦୀଗଣ ତାକୁ ନିଜର ସର୍ଦ୍ଦାର ବୋଲି ବିବେଚନା କରିବାକୁ ଲାଗିଲେ । କାବ୍ ଜଣେ ରୂପବାନ୍ ବ୍ୟକ୍ତି ହେବା ବ୍ୟତୀତ ଜଣେ ଉତ୍କୃଷ୍ଟ କବି ଏବଂ ଅତ୍ୟନ୍ତ ଧର୍ନାଢ୍ୟ ବ୍ୟକ୍ତି ଥିଲା । ସର୍ବଦା ନିଜ କୌମର ଓ୍ୱଲେମା ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ଲୋକମାନଙ୍କୁ ନିଜ ଧନକୁ ଉତ୍ସର୍ଗ କରି ନିଜ ଅଧିନରେ ରଖୁଥିଲା । କିନ୍ତୁ ଚାରିତ୍ରିକ ଦୃଷ୍ଟିକୋଣରୁ ସେ ଅତ୍ୟନ୍ତ କୁଚରିତ୍ର ବ୍ୟକ୍ତି ଥିଲା ଏବଂ ଗୁପ୍ତଚର କାର୍ଯ୍ୟକଳାପ ଓ ଅନ୍ୟକୁ ନିଜ ଫାନ୍ଦରେ ଫସାଇବା ଗୁଣରେ ମାହିର୍ ଥିଲା । (ବିଭ୍ରାଟ ସୃଷ୍ଟି କରିବା ବିଷୟରେ ସେ ପ୍ରବୀଣ ଥିଲା) ଯେବେ ଆଁ ହଜ୍‌ରତ୍ ସ:ଆ:ସ ହିଜ୍‌ରତ୍ କରି ମଦିନା ଚାଲିଆସିଲେ ସେତେବେଳେ କାବ୍‌ବିନ୍ ଅଶରଫ୍ ଅନ୍ୟ ୟୁହୁଦୀମାନଙ୍କ ସହିତ ମିଶି ସେହି ଚୁକ୍ତି ନାମରେ ଯୋଗ ଦେଇଥିଲା ଯାହା ଆଁ ହଜ୍‌ରତ୍ ସ:ଆ:ସ ଏବଂ ୟୁହୁଦୀମାନଙ୍କ ମଧ୍ୟରେ ଆପୋଷ ବନ୍ଧୁତ୍ୱ ଏବଂ ଶାନ୍ତି ଓ ଏକତ୍ରୀକରଣ ହୋଇ ନିଜର ପ୍ରତିରକ୍ଷା କରିବା ବିଷୟରେ ଲେଖାଯାଇଥିଲା । ସେ ଉପୁରିଆ ରୂପେ ଏହି ଚୁକ୍ତି ତ କଲେ କିନ୍ତୁ ଭିତରେ ଭିତରେ କାବ୍‌ର ମନ ଭିତରେ ଘୃଣାଭାବର ଅଗ୍ନି ଜଳି ଉଠିଥିଲା ଓ ସେ ଗୁପ୍ତ ଯୋଜନା ଦ୍ୱାରା ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସଙ୍କ ମୁଖାଲିଫତ୍ ଆରମ୍ଭ କରିଦେଲା । ସୁତରାଂ ଲେଖାଅଛି କି କାବ୍ ପ୍ରତ୍ୟେକ ବର୍ଷ ୟୁହୁଦୀ ଓ୍ୱଲେମା ଓ ବଡ ବଡ ଲୋକମାନଙ୍କୁ ବହୁତ ଖୈରାତ୍ (ଦାନ ଦକ୍ଷିଣା) ପ୍ରଦାନ କରିଥିଲା । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ହିଜ୍‌ରତ୍ କରିବା ପରେ ଏହି ଲେକମାନେ ନିଜର ବାର୍ଷିକ ଓ୍ୱଜିଫା (ଗୁଜୁରାଣ ମେଂଟାଇବା ପାଇଁ ଅର୍ଥ) ନେବାପାଇଁ ତା ପାଖକୁ ଗଲେ ସେତେବେଳେ ସେ କଥା କହିବା ଆଳରେ ସେମାନଙ୍କ ନିକଟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଷୟରେ ଚର୍ଚ୍ଚା ଆରମ୍ଭ କରିଦେଲା ଏବଂ ସେହି ଓ୍ୱଲେମାମାନଙ୍କ ଠାରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଷୟରେ ଧର୍ମୀୟ ପୁସ୍ତକ ଗୁଡିକ ଆଧାରରେ (କଣ ସବୁ ଲେଖାଅଛି) ପଚାରି ବୁଝିଲା । ସେତେବେଳେ ସେମାନେ କହିଲେ କି ପ୍ରକାଶ୍ୟରେ ତ ସେ ସେହି ନବୀ ବୋଲି ଜଣାପଡୁଛନ୍ତି ଯାହାଙ୍କ ପ୍ରତିଶୃତି ଆମମାନଙ୍କୁ ଦିଆଯାଇଥିଲା । ଏହି ଉତର ପାଇ କାବ୍ ସେମାନଙ୍କ ଉପରେ କ୍ରୋଧିତ ହୋଇ ସେମାନଙ୍କୁ ଭୀଷଣ ଅଳସୁଆ ବୋଲି କହି ବିଦା କରିଦେଲା ଏବଂ ଯାହା କିଛି ଖୈରାତ୍ ସେମାନଙ୍କୁ ଦେଉଥିଲା, ତାହା ଆଉ ଦେଲାନାହିଁ । ୟୁହୁଦୀ ଓ୍ୱଲେମା ମାନଙ୍କର ଯେତେବେଳେ ପାଉଣା ବନ୍ଦ୍ ହୋଇଗଲା ତେବେ କିଛିଦିନ ପରେ ସେମାନେ ପୁଣି କାବ୍‌ଙ୍କ ନିକଟକୁ ଯାଇ କହିଲେ କି ଆମକୁ ଲକ୍ଷଣ ଗୁଡିକ ବୁଝିବାରେ ଟିକେ ଭୁଲ୍ ହୋଇଯାଇଥିଲା (କିନ୍ତୁ ଯେତେବେଳେ) ଆମେ ପୁନର୍ବାର ଚିନ୍ତା କଲୁ (ସେତେବେଳେ ଆମେ ଜାଣିବାକୁ ପାଇଲୁ) କି ବାସ୍ତବରେ ମୁହମ୍ମଦ୍ ସ:ଆ:ସ ସେହି ନବୀ ନୁହଁନ୍ତି ଯାହାଙ୍କ ପ୍ରତିଶୃତି ଆମକୁ ଦିଆଯାଇଥିଲା । ଏହି ଉତର ଦ୍ୱାରା କାବ୍‌ର ମନସ୍କାମନା ପୂରଣ ହୋଇଗଲା ଓ ସେ ଖୁସି ହୋଇ ସେମାନଙ୍କୁ ବାର୍ଷିକ ଖୈରାତ୍ ଦେଇଦେଲା । ଏବେ ସେ ଲେଖୁଛନ୍ତି କି "ଏହା ତ ଏକ ଧର୍ମୀୟ ମୁଖାଲିଫତ୍ ଥିଲା । ଯଦିଚ ତାହା ଅନିଷ୍ଟ ଓ ଅପ୍ରିୟ ରଙ୍ଗ ଗ୍ରହଣ କରିସାରିଥିଲା କିନ୍ତୁ ଏହା ଉପରେ ଆପତି ଅଭିଯୋଗ ହୋଇପାରିନଥିଲା । (ଅର୍ଥାତ୍ ଲୋକମାନେ ଧର୍ମୀୟ ମୁଖାଲିଫତ୍ କରୁଛନ୍ତି, ଏହା କୌଣସି ବଡ କଥା ନୁହେଁ) ଏବଂ ନା ଏହି ଆଧାରରେ କାବ୍ ଉପରେ କୌଣସି ପ୍ରକାରର ଇଲ୍‌ଜାମ୍ (ଆରୋପ) ଲଗାଯାଇଥାଆନ୍ତା" । (ଏହା କାବ୍‌ଙ୍କ ହତ୍ୟା ଘଟଣା ବିଷୟରେ ବର୍ଣ୍ଣନା ହେଉଛି କି ଏହା ତ କୌଣସି ଏପରି ଅପରାଧ ନଥିଲା, ଏହାଦ୍ୱାରା ତାକୁ ହତ୍ୟା କରାଯାଇଥାଆନ୍ତା । କିନ୍ତୁ କାରଣ କଣ ଥିଲା) "ଏହାପରେ କାବ୍‌ର ମୁଖାଲିଫତ୍ ଆହୁରି ଅଧିକା ବିପଦପୁର୍ଣ୍ଣ ଓ ଭୟାନକ ସ୍ୱରୂପ ଗ୍ରହଣ କରିଗଲା ଓ ପରିଶେଷରେ ବଦର୍ ଯୁଦ୍ଧ ପରେ ସେ ଏପରି ଆଚରଣ କଲା ଯାହା ଅତ୍ୟନ୍ତ ବିଭ୍ରାଟ ଏବଂ ଫିତ୍‌ନା ଥିଲା । ଯାହା ଫଳରେ ମୁସଲ୍‌ମାନ୍ ମାନଙ୍କ ପାଇଁ ଅତ୍ୟନ୍ତ ବିପଦପୁର୍ଣ୍ଣ ଅବସ୍ଥା ସୃଷ୍ଟି ହୋଇଗଲା । ବାସ୍ତବରେ ବଦର୍ ଯୁଦ୍ଧ ପୂର୍ବରୁ କାବ୍ ଏକଥା ଭାବୁଥିଲା କି ମୁସଲ୍‌ମାନ୍ ମାନଙ୍କ ଏହି ପ୍ରକାର ଇମାନ୍ ରୂପକ ଜୋସ୍ ହେଉଛି ଏକ ଅସ୍ଥାୟୀ ଅବସ୍ଥା ଓ ଧିରେ ଧିରେ ଏହି ସବୁ ଲୋକେ ନିଜକୁ ନିଜେ ବ୍ୟତିବ୍ୟସ୍ତ ହୋଇ ନିଜ ପୈତୃକ ଧର୍ମ ଆଡକୁ ଫେରିଯିବେ କିନ୍ତୁ ବଦର୍ ଯୁଦ୍ଧ ଅବସରରେ ମୁସଲ୍‌ମାନ୍ ମାନଙ୍କୁ ଯେତେବେଳେ ଅସାଧାରଣ ବିଜୟ ପ୍ରାପ୍ତ ହେଲା ଏବଂ କୁରୈଶ୍‌ର ବଡ ବଡ ସର୍ଦ୍ଦାର ମାନଙ୍କୁ ମଧ୍ୟରୁ ଅଧିକାଂଶଙ୍କୁ ମାରିଦିଆଗଲା ସେତେବେଳେ ସେ ଜାଣିଗଲା ଯେ ଏବେ ଏହି ନୂତନ ଧର୍ମ ଏହିପରି ଧ୍ୱଂସ ହେବାର ଦୃଷ୍ଟିଗୋଚର ହେଉନାହିଁ । ସୁତରାଂ ବଦର୍ ଯୁଦ୍ଧ ପରେ ସେ ତାର ନିଜର ସମସ୍ତ ଚେଷ୍ଟା ଇସ୍‌ଲାମ୍‌କୁ ଧ୍ୱଂସ କରିଦେବା ନିମନ୍ତେ ଖର୍ଚ୍ଚ କରିଦେବାରେ ଲାଗିପଡ଼ିଲା । ତା ମନ ଭିତରେ ଥିବା ଘୃଣା ବା ଇର୍ଶା ଭାବକୁ ସର୍ବପ୍ରଥମେ ଏ ମୌକାରେ ପ୍ରକାଶ କଲା, ଯେବେ ବଦର ଯୁଦ୍ଧର ବିଜୟପ୍ରାପ୍ତ ହେବାର ଖବର ମଦିନା ପହଂଚିଲା । ଏହି ଖବର୍‌କୁ ଶୁଣି କାବ୍ ଏ କଥା କହିଲା କି ଏହି ଖବର ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଜଣାପଡୁଛି । କାରଣ ଏହା ସମ୍ଭବ ନୁହେଁ କି ମୁହମ୍ମଦ୍ ସ:ଆ:ସଙ୍କୁ କୁରୈଶ୍‌ର ଏତେବଡ଼ ସେନା ଉପରେ ବିଜୟପ୍ରାପ୍ତ ହୋଇଥିବ ଓ ମକାର ଏତେ ସଂଖ୍ୟକ ସମ୍ଭ୍ରାନ୍ତ ସର୍ଦ୍ଦାର ମାଟିରେ ମିଶିଯାଇଥିବେ । ଏବଂ ଯଦି ଏ ଖବର ସତ୍ୟ ତେବେ ଏଭଳି ଜୀବନ ରଖିବା ଠାରୁ ମରିବା ହିଁ ଭଲ । ଏକଥା କାବ୍ କହିଲା । ଯେତେବେଳେ ଏହି ଖବର ଠିକ୍ ବୋଲି ଜଣାପଡ଼ିଲା ଓ କାବ୍‌କୁ ଏ ବିଶ୍ୱାସ ହୋଇଗଲା କି ବାସ୍ତବରେ ବଦର ଯୁଦ୍ଧରେ ବିଜୟ ପ୍ରାପ୍ତ କରିବା ଦ୍ୱାରା ଇସ୍‌ଲାମ୍‌କୁ ଏପରି ଦୃଢ଼ତା ମିଳିଯାଇଛି ଯାହାକୁ ସେ କଳ୍ପନା ମଧ୍ୟ କରିନଥିଲା । ତେଣୁ ସେ କ୍ରୋଧାନ୍ୱିତ ହୋଇଗଲା । ଏବଂ ତତ୍‌କ୍ଷଣାତ୍ ମକା ନିମନ୍ତେ ଯାତ୍ରାର ପ୍ରସ୍ତୁତି ଶେଷ କରି ବାହାରିପଡ଼ିଲା । ସେଠାରେ ଯାଇ ନିଜର ଚିକିଣିଆ କଥା ଓ କବିତା ପାଠ ଦ୍ୱାରା କୁରୈଶ୍‌ଙ୍କ ମନ ଭିତରେ କୁହୁଳୁଥିବା ନିଆଁକୁ ଆହୁରି ଅଧିକ ଜଳାଇବାକୁ ଚେଷ୍ଟା କଲା ଓ ସେମାନଙ୍କ ମନ ଭିତରେ ମୁସଲ୍‌ମାନ୍ ମାନଙ୍କ ରକ୍ତ ପିଇବାର ଅସରନ୍ତି ଶୋଷ ସୃଷ୍ଟି କରିଦେଲା । ସେମାନଙ୍କର ଛାତିରେ ପ୍ରତିଶୋଧ ନେବାର ଆବେଗ ଓ ଘୃଣାଭାବକୁ ଭରିଦେଲା । ଯେତେବେଳେ କାବ୍‌ର ଏହିପରି ଉସ୍‌କାଇବା ଦ୍ୱାରା ସେମାନଙ୍କର ଭାବନାରେ ଏକପ୍ରକାର ବିଜୁଳି ସୃଷ୍ଟି ହୋଇଗଲା ସେତେବେଳେ ସେମାନଙ୍କୁ ଖାନା କାବାର ପ୍ରାଙ୍ଗଣରେ ନେଇଯାଇ ଏବଂ କାବାର ପର୍ଦ୍ଦା ତାଙ୍କ ହାତରେ ଧରାଇଦେଇ ତାଙ୍କଠାରୁ ପ୍ରତିଶୃତି ନେଲା କି ଯେପର୍ଯ୍ୟନ୍ତ ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କୁ ଏ ସଂସାରରୁ ବିଲୋପ କରିନଦେବେ ସେପର୍ଯ୍ୟନ୍ତ ଶାନ୍ତିରେ ନିଃଶ୍ୱାସ ମାରିପାରିବେ ନାହିଁ । (ମକାର କାଫିର୍‌ମାନଙ୍କ ଠାରୁ ସେ ଏହି ଶପଥ କରାଇନେଲା) ମକାରେ ଏହିପରି ଅଗ୍ନି ଶିଖାର ପରିବେଶ ସୃଷ୍ଟିକରି ସେହି ଅଭାଗା ଅନ୍ୟ ଆରବୀୟ କବିଲା ଆଡକୁ ଚାଲିଗଲା ଓ ସବୁଆଡ଼େ ଘୁରିବୁଲି ମୁସଲ୍‌ମାନଙ୍କ ବିରୋଧରେ ଲୋକମାନଙ୍କୁ ଉସୁକାଇଲା । ପୁରି ମଦିନା ଫେରିଯାଇ ମୁସଲ୍‌ମାନ୍ ମହିଳାମାନଙ୍କ ବିଷୟରେ ତଶ୍‌ବିବ୍ କହିଲା ଅର୍ଥାତ ନିଜର ଜୋସିଲା ପଦଗୁଡିକରେ ଅତ୍ୟନ୍ତ ଖରାପ ଓ ଅଶ୍ଳୀଳ ମାର୍ଗରେ ମୁସଲ୍‌ମାନ୍ ମହିଳାମାନଙ୍କ ଚର୍ଚ୍ଚା କଲା । ଏପରିକି ନବୀଙ୍କ କୁଟୁମ୍ବର ମହିଳାମାନଙ୍କୁ ମଧ୍ୟ ନିଜ ଲମ୍ପଟ ପଦ ସାହାଯ୍ୟରେ ଆକ୍ଷେପ କରିବାରୁ ସଙ୍କୋଚ ମନେକଲାନାହିଁ ଏବଂ ସାରାଦେଶରେ ସେହି ପଦଗୁଡିକର ଚର୍ଚ୍ଚା କରାଇଲା । ପରିଶେଷରେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ହତ୍ୟା କରିବାର ଯୋଜନା ମଧ୍ୟ କଲା । ଆପଣ ସ:ଆ:ସଙ୍କୁ କୌଣସି ଏକ ନିମନ୍ତ୍ରର ଇତ୍ୟାଦିର ବାହାନା କରାଇ ନିଜ ଘରକୁ ଡକାଇ ପଠାଇଲା ଓ କିଛି ୟୁହୁଦୀ ଯୁବକମାନଙ୍କ ଦ୍ୱାରା ଆପଣ ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ଯୋଜନା କଲା । କିନ୍ତୁ ଇଶ୍ୱରଙ୍କ କରୁଣା ବଳରୁ ଏ ବିଷୟରେ ସମୟ ପୂର୍ବରୁ ଏତେଲା ହୋଇଗଲା ଓ ତାର ଏହି ଯୋଜନା ସଫଳ ହେଲାନାହିଁ ଓ ଅବସ୍ଥା ଏପର୍ଯ୍ୟନ୍ତ ପହଂଚିଗଲା କି କାବ୍‌ଙ୍କ ଖିଲାଫ୍‌ରେ ବିଶ୍ୱାସଘାତକ, ବିଦ୍ରୋହ, ଯୁଦ୍ଧକୁ ଉସ୍‌କାଇବା, ବିଭ୍ରାଟ ସୃଷ୍ଟି କରିବା, ଅଶ୍ଳୀଳ କଥା କହିବା ଓ ହତ୍ୟାର ଯୋଜନା କରିବାର ଆରୋପ ପ୍ରମାଣିତ ହୋଇଗଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ, ଯିଏ ସେହି ଆନ୍ତର୍ଜାତୀୟ ଚୁକ୍ତି ଦୃଷ୍ଟିକୋଣରୁ,

ଯାହାକୁ ଆପଣ ସ:ଆ:ସ ମଦିନା ଆସିବା ପରେ ମଦିନା ନିବାସୀଙ୍କ ସହିତ କରିଥିଲେ ଏବଂ ଆପଣ ସ:ଆ:ସ ମଦିନାର ଲୋକତନ୍ତ୍ରର ସଭାପତି ଓ ସର୍ବୋଚ୍ଚ ହାକିମ ଥିଲେ । ଆପଣ ସ:ଆ:ସ ଏ ଫଇସଲା କଲେ କି କାବ୍ ବିନ୍ ଅଶରଫ୍ ନିଜ କାର୍ଯ୍ୟକଳାପ ଯୋଗୁ ହତ୍ୟା ହେବାର ଯୋଗ୍ୟ ଓ ନିଜର କିଛି ସାହାବୀ ମାନଙ୍କୁ ଏ ନିର୍ଦ୍ଦେଶ ଦେଇଥିଲେ କି ତାକୁ ହତ୍ୟା କରିଦିଆଯାଉ କିନ୍ତୁ ଯେବେ କି ସେ ସମୟରେ କାବ୍‌ଙ୍କ ଦ୍ୱାରା ବିଭ୍ରାଟ ହୋଇଥିବା ଯୋଗୁ ମଦିନାର ପରିବେଶ ଏପରି ହୋଇଚାଲିଥିଲା କି ଯଦି ତାହା ବିରୋଧରେ ଏକ ବ୍ୟବସ୍ଥା ରୂପେ ଏ ଘୋଷଣା କରିଦିଆଯାଇଥାଆନ୍ତା କି ତାକୁ ହତ୍ୟା କରାଯାଉ ତେବେ ମଦିନାରେ ଏକ ପ୍ରକାର ଭୟଙ୍କର ଗୃହଯୁଦ୍ଧ ଆରମ୍ଭ ହୋଇଯିବାର ଆଶଙ୍କା ଥିଲା । ଯଦ୍ଦ୍ୱାରା ଜଣାନାହିଁ କେତେ ରକ୍ତପାତ ହୋଇଥାଆନ୍ତା । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ଯଥା ସମ୍ଭବ ଉଚିତ୍ ପଦକ୍ଷେପ ନେଇ ଏହି ଆନ୍ତର୍ଜାତୀୟ ରକ୍ତପାତକୁ ରୋକିବାକୁ ଚାହୁଁଥିଲେ (ଯୁଦ୍ଧ ଚାହୁଁନଥିଲେ) । ଆପଣ ସ:ଆ:ସ ଏ ହିଦାୟତ୍ ଦେଇଥିଲେ କି କାବ୍‌କୁ ସମ୍ପୂର୍ଣ୍ଣ ରୂପେ (ଲୋକମାନଙ୍କ ସମ୍ମୁଖରେ ଆଣି) ହତ୍ୟା କରାନଯାଉ ବରଂ କିଛି ଲୋକେ ନୀରବତାର ସହିତ କୌଣସି ଏକ ଉଚିତ୍ ଅବସର ଦେଖି ତାକୁ ହତ୍ୟା କରିଦିଅନ୍ତୁ । ଏବଂ ଏହି କାର୍ଯ୍ୟ ନିମନ୍ତେ ଆପଣ ଅଓ୍ୱସ କବିଲାର ଜଣେ ନିଷ୍ଠାପର ସାହାବି ମହମ୍ମଦ ବିନ୍ ମୁସେଲେମାଙ୍କୁ ନିଯୁକ୍ତ କରିଥିଲେ ଏବଂ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ କି ଯେଉଁ ଯୋଜନା ପ୍ରସ୍ତୁତ କର ସେଥି ସମ୍ବନ୍ଧରେ ଅଓ୍ୱସ କବିଲାର ପ୍ରମୁଖ ସାଦ ବିନ୍ ମାଜଙ୍କର ସହିତ ଆଲୋଚନା କରିନେବ । ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍! ନିରବତାର ସହିତ କାବଙ୍କୁ ହତ୍ୟା କରିବା ନିମନ୍ତେ କୌଣସି ଉପାୟ ପାଂଚି ତାଙ୍କୁ ଫୁସୁଲାଇ ଘରୁ ପଦାକୁ ଆଣିବାକୁ ହେବ ଏବଂ କୌଣସି ସୁରକ୍ଷିତ ସ୍ଥାନରେ ନେଇ ତାଙ୍କୁ ହତ୍ୟା କରିବାକୁ ହେବ । ଆପଣ ସ:ଆ:ସ ଏହି ମହାନ୍ ପ୍ରଭାବପୁର୍ଣ୍ଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଏହା କହିଲେ କି ଠିକ୍ ଅଛି । ସୁତରାଂ ମହମ୍ମଦ୍ ବିନ୍ ମୁସ୍‌ଲିମା ସାଆଦ୍ ବିନ୍ ମାଆଜ୍‌ଙ୍କ ସହିତ ପରାମର୍ଶ କରି ଅବୁ ନାଏଲା ଏବଂ ଆଉ ଦୁଇତିନିଜଣ ସାହାବୀଙ୍କୁ ନିଜ ସାଥିରେ ନେଇ କାବ୍‌ବିନ୍ ଅଶ୍‌ରମ୍‌ଙ୍କ ଘରେ ପହଂଚିଲେ ଓ କାବ୍‌ଙ୍କୁ ତାଙ୍କ ଘରଭିତରୁ ଡାକିଆଣି କହିଲେ କି ଆମର ସାହେବ୍ ଅର୍ଥାତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଆମଠାରୁ ସଦ୍‌କା ମାଗୁଛନ୍ତି ଓ ଆମର ଅବସ୍ଥା ଖରାପ । କଣ ତୁମେ ଦୟା କରି ଆମକୁ କଛି ଦେଇପାରିବ । ଏକଥା ଶୁଣି କାବ୍ ଖୁସିରେ ଡେଇଁବାକୁ ଲାଗିଲା ଓ କହିଲା ଇଶ୍ୱରଙ୍କ ରାଣ ବର୍ତମାନ ତ କିଛି ନୁହେଁ । ସେ ଦିନ ଆସିବାକୁ ଦୂରନାହିଁ ଯେବେ ତୁମେ ଉକ୍ତ ବ୍ରକ୍ତିଙ୍କ ଠାରୁ ବିମୁଖ ହୋଇ ତାଙ୍କୁ ଛାଡ଼ିଦେବ । ଏଥିରେ ମୁହମ୍ମଦ୍ ଉତର ଦେଲେ ଠିକ୍ ଅଛି ଆମେ ତ ମୁହମ୍ମଦ୍ ସ:ଆ:ସଙ୍କ ଅନୁଗାମୀ ହୋଇସାରିଛୁ କିନ୍ତୁ ଏବେ ଆମେ ଏହା ଦେଖୁଅଛୁ କି ଏହି ସିଲ୍‌ସିଲାର ଫଳ କଣ ହେବ । କିନ୍ତୁ ତୁମେ ଏହା ବତାଓ କି ଆମକୁ କରଜ ଦେବ କି ନାହିଁ । ଏଥିରେ କାବ୍ କହିଲେ- ହଁ (ଦେବି) କିନ୍ତୁ କୌଣସି ଜିନିଷ ବନ୍ଧକ ରଖନ୍ତୁ । ମହମ୍ମଦ୍ ପଚାରିଲେ କଣ ଜିନିଷ? ସେହି ବଦ୍‌ବଖ୍‌ତ (ଅଭାଗା କାବ୍) ଉତର ଦେଲା କି ନିଜ ମହିଳାମାନଙ୍କୁ ମୋ ପାଖରେ ବନ୍ଧକ ରଖ । ମହମ୍ମଦ୍ ନିଜର କ୍ରୋଧକୁ ଦବାଇ କହିଲେ କି ତୁମପରି ଲୋକଙ୍କ ନିକଟରେ ଆମେ ଆମ ମହିଳାମାନଙ୍କୁ ବନ୍ଧକ ରଖିବୁ ଏହା କିପରି ହେବ (କାରଣ) ତୁମ ଉପରେ ତ କିଛି ଭରଷା ନାହିଁ । ଏଥିରେ ସେ କହିଲା ଠିକ୍ ଅଛି ନହେଲେ ପୁଅମାନଙ୍କୁ ରଖ । ଏଥିରେ ମହମ୍ମଦ୍ ଉତର ଦେଲେ ଏକଥା ମଧ୍ୟ ଅସମ୍ଭବ କି ଆମେ ନିଜର ପୁତ୍ରମାନଙ୍କୁ ତୁମପାଖରେ ବନ୍ଧକ ରଖିବୁ । ଆମେ ସାରା ଆରବ୍‌ର ଲାଞ୍ଛନା ନିଜ ମୁଣ୍ଡ ଉପରେ ନେଇପାରିବୁ ନାହିଁ । କିନ୍ତୁ ଯଦି ତୁମେ ଦୟା କରିବ ତେବେ ଆମେ ନିଜର ଅସ୍ତ୍ରଶସ୍ତ୍ରକୁ ତୁମ ପାଖରେ ବନ୍ଧକ ରଖୁଅଛୁ । ଏଥିରେ କାବ୍ ରାଜି ହୋଇଗଲା ଓ ମହମ୍ମଦ୍ ବିନ୍ ମୁସ୍‌ଲିମା ଓ ତାଙ୍କ ସାଥିମାନେ ରାତି ସମୟରେ ଆସିବା ପାଇଁ ପ୍ରତିଶୃତି ଦେଇ ଫେରି ଚାଲିଆସିଲେ । ଯେତେବେଳେ ରାତି ହେଲା ସେତେବେଳେ ଏହି ଦଳଟି ଅସ୍ତ୍ରଶସ୍ତ୍ର ଇତ୍ୟାଦି ସାଥିରେ ନେଇ (କାରଣ ବର୍ତମାନ ସେମାନେ ଖୋଲାଖୋଲି ଅସ୍ତ୍ରଶସ୍ତ୍ରକୁ ସାଥିରେ ନେଇ ଯାଇପାରିବେ) କାବ୍‌ଙ୍କ ଘରଠାରେ ପହଂଚିଲେ ଏବଂ ତାକୁ ଘର ବାହାରକୁ ଡାକିଆଣି ତା ସହିତ କଥା କହି ଗୋଟିଏ ଆଡକୁ ନେଇ୍‌ଗଲେ । କିଛି ସମୟ ତା ସହିତ ଚାଲିଚାଲି ଯାଇ ତାକୁ କାବୁ କରିନେଲେ । ସେହି ସାହାବାମାନେ, ଯେଉଁମାନେ ଅସ୍ତ୍ରଶସ୍ତ୍ର ନିଜ ସାଙ୍ଗରେ ରଖିଥିଲେ ସେମାନେ ତରବାରି ଚଳାଇ ତାକୁ ହତ୍ୟା କରିଦେଲେ । ସେ ଯାହାହେଉ କାବ୍ ହତ୍ୟାହୋଇ ତଳାପଡ଼ିଲା ଓ ମହମ୍ମଦ୍ ବିନ୍ ମୁସ୍‌ଲିମା ଓ ତାଙ୍କର ସାଥିମାନେ ସେଠାରୁ ଚାଲିଆସି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିକଟରେ ହାଜିର୍ ହେଲେ ଓ ଆପଣ ସ:ଆ:ସଙ୍କୁ ଏହି ହତ୍ୟା ବିଷୟରେ ସୂଚନା ଦେଲେ । ହଜୁର ସ.ଆ ତାଙ୍କୁ ଏହାର ଅନୁମତି ପ୍ରଦାନ କରିଥିଲେ । ଯେତେବେଳେ କାବ୍ ହତ୍ୟା ହୋଇଯାଇଥିବାର ଖବର ପ୍ରଚାର ହେଲା ସେତେବେଳେ ସହରର ପରିସ୍ଥିତି ଅସ୍ଥିର ହୋଇଗଲା ଏବଂ ୟହୁଦିମାନେ ଅତ୍ୟନ୍ତ ଉତ୍ୟକ୍ତ ହୋଇ ଉଠିଲେ । ଦ୍ୱିତୀୟ ଦିନ ସକାଳୁ ୟହୁଦିମାନଙ୍କ ଏକ ଦଳ ହଜୁର ସ.ଆଙ୍କ ନିକଟରେ ହାଜର ହୋଇ ଅଭିଯୋଗ କଲେ କି ଆମ ସରଦାର କାବ୍ ବିନ ଅଶରଫ୍‌କୁ ହତ୍ୟା କରାଯାଇଛି । ହଜୁର ସ.ଆ ତାଙ୍କର କଥା ଶୁଣିବା ପରେ କହିଲେ କ'ଣ ତୁମମାନଙ୍କୁ ଜଣା ଅଛି କି କାବ୍ କେଉଁ କେଉଁ ଜଘନ୍ୟ ଅପରାଧରେ ଜଡ଼ିତ□ଥିଲା ତାପରେ ହଜୁର ସ.ଆ ସେମାନଙ୍କୁ କାଦ୍‌ର ଅପରାଧ ସମ୍ବନ୍ଧରେ ସକ୍ଷିପ୍ତ ବିବରଣୀ ଦେଲେ କି ସେ ପ୍ରତିଶୃତି ଭଙ୍ଗ କରିବା, ଲୋକମାନଙ୍କୁ (ମୁସଲମାନମାନଙ୍କ ବିରୋଧରେ) ଯୁଦ୍ଧ କରିବାକୁ ପ୍ରବଡାଇବା, ବିଶୃଙ୍ଖଳା ସୃଷ୍ଟି କରିବା, ଅଭଦ୍ର ଭାଷା କହିବା, ସଡ଼ଯନ୍ତ୍ର କରିବା କଥା ସେମାନଙ୍କୁ ମନେପକାଇଲେ ଯଦ୍ଦ୍ୱାରା ସେମାନେ ଡ଼ରି ନିରବ ହୋଇଗଲେ । ତାପରେ ହଜୁର ସ.ଆ ସେମାନଙ୍କୁ କହିଲେ ତୁମମାନଙ୍କୁ ଆବଶ୍ୟକ କି ଆସନ୍ତାରେ ତୁମେମାନେ ଶାନ୍ତି ଓ ସହଯୋଗ କରିବା ଭାବନାର ସହିତ ମିଳିମିଶି ରହିବାକୁ ଚେଷ୍ଟା କର ନା କି ଶତ୍ରୁତା ଓ ବିଶୃଙ୍ଖଳାର ବଜାର ଗରମ କର । ଅତଃ ୟହୁଦିମାନଙ୍କ ସହମତିକ୍ରମେ ଆସନ୍ତା ପାଇଁ ଏକ ନୂତନ ପ୍ରତିଶୃତିନାମା ପ୍ରସ୍ତୁତ କରାଗଲା ଏବଂ ସେମାନେ ମୁସଲମାନମାନଙ୍କ ସହ ଶାନ୍ତି ଓ ସଦ୍ଭାବନାର ସହିତ ରହିବାର ଏବଂ ବିଭ୍ରାଟ ଓ ବିଶୃଙ୍ଖଳା ନକରିବାର ପ୍ରତିଜ୍ଞା କଲେ । (ସିରତ୍ ଖାତମୁନ୍ ନବୀଇନ୍, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୪୬୬-୪୭୦) ହଜୁର ସ.ଆ ସେମାନଙ୍କ କଥା ଶୁଣି ଏପରି କହି ନଥିଲେ କି ମୁସଲମାନମାନେ କାବ୍‌ର ହତ୍ୟା କରି ନାହାନ୍ତି ବରଂ ତାହାର ଅପରାଧ ଗଣାଇଥିଲେ ଏବଂ ତାହାର ପ୍ରକାଶ୍ୟ ପରିଣାମ ସମ୍ବନ୍ଧରେ ଅବଗତ କଲେ କି ତାହାର ହତ୍ୟା ହେବା ସୁନିଶ୍ଚିତ ଥିଲା । ତାହାର ହରକତ୍ ସମ୍ବନ୍ଧରେ ଶୁଣି ୟହୁଦିମାନେ ମଧ୍ୟ ସ୍ୱୀକାର କଲେ ଯେ, ଆପଣ ଠିକ୍ କହୁଛନ୍ତି । ତେବେ ତ ସେମାନେ ନୂତନ ପ୍ରତିଶୃତି ନାମାରେ ଏକମତ ହେଲେ ଯଦ୍ଦ୍ୱାରା ଏପରି ଘଟଣା ପରବର୍ତୀ ସମୟରେ ନଘଟେ ଏବଂ ଏକ ଶାନ୍ତି ପୂର୍ଣ୍ଣ ପରିବେଶ ଆସନ୍ତାକୁ ସୃଷ୍ଟି ହେଉ ନା କି ୟହୁଦି ପ୍ରତିଶୋଧ ନେବା ଆରମ୍ଭ କରିଦିଅନ୍ତୁ ଏବଂ ମୁସଲମାନମାନେ ସେମାନଙ୍କୁ ଦଣ୍ଡ ଦେବା ଆରମ୍ଭ କରିଦିଅନ୍ତୁ । ଯଦି ଉକ୍ତ ଘଟଣାକୁ ୟହୁଦିମାନେ ଭୁଲ୍ ବୁଝିଥାନ୍ତେ ତେବେ ସେମାନେ ଶାନ୍ତ ହୋଇ ବସିନଥାନ୍ତେ ବରଂ ପ୍ରତିଶୋଧ ନେଇଥାନ୍ତେ । କିନ୍ତୁ ସେମାନେ ଏପରି କୌଣସି ଦାବି କରିନଥିଲେ ବରଂ ନିରବ ରହିଥିଲେ ତେବେ ଏସମସ୍ତ ଘଟଣା ଦର୍ଶାଉଅଛି ଯେ, କାବ୍‌ର ହତ୍ୟା କରିବା ପ୍ରଚଳିତ ସମୟର ନିୟମାନୁଯାୟୀ ଉଚିତ୍ ଥିଲା । କାରଣ ସେ ଯେଉଁ ପ୍ରକାରର ବିଶୃଙ୍ଖଳା ସୃଷ୍ଟି କରୁଥିଲା ତାହା ହତ୍ୟା କରିବା ଠାରୁ ମଧ୍ୟ ବଳିକରି ଜଘନ୍ୟ ଅପରାଧ ଥିଲା ଏବଂ ଏପରି ଅପରାଧୀର ଦଣ୍ଡ ତାହା ହିଁ ହେବା ଉଚିତ୍ ଥିଲା । ଯେପରିକି ମୁଁ କହିଲି ସେହି ସମୟ ଅନୁଯାୟୀ ଯେତେବେଳେ ତାକୁ ଦଣ୍ଡ ଦିଆଗଲା ୟହୁଦିମାନେ ଅଭିଯୋଗ କଲେ ନାହିଁ । ହଁ ଯଦି ତାହାକୁ ଦଣ୍ଡ ଦିଆଯାଇନଥାନ୍ତା ତେବେ ସେମାନେ ଅଭିଯୋଗ କରିଥାନ୍ତେ କି କାବ୍ ବିରୋଧରେ ମୁକଦ୍ଦମା କରି ତାକୁ ଦଣ୍ଡ କାହିଁ ଦିଆଗଲା ନାହିଁ । ଅତଏବ ଏଥିରୁ ପ୍ରମାଣିତ ହେଉଅଛି ଯେ, ତାହାର ହତ୍ୟା କରିବା ସମ୍ପୂର୍ଣ୍ଣ ବୈଧ ଥିଲା । କିନ୍ତୁ ଏହା ମଧ୍ୟ ସ୍ପଷ୍ଟ ହେଉ ଯେ, ଆଜିକାଲିର କଠୋରବାଦୀ ଦଳମାନେ ଏହାର ଭୂଲ ଅର୍ଥ ବାହାର କରୁଛନ୍ତି ଏବଂ ସେହିପରି ପ୍ରଶାସନ ମଧ୍ୟ ଭ୍ରାନ୍ତ ଧାରଣା ପୋଷଣ କରି ମନେକରୁଛନ୍ତି କି ଏପରି ହତ୍ୟା କରିବା ବୈଧ ଅଟେ । **ପ୍ରଥମ** କଥା ହେଲା (ବର୍ତମାନ) ଯାହାଙ୍କୁ ହତ୍ୟା କରାଯାଉଅଛି ସେମାନେ ସେପରି କୌଣସି ବିଭ୍ରାଟ, ବିଶୃଙ୍ଖଳା ସୃଷ୍ଟି କରୁନାହାନ୍ତି, ନା ସେମାନେ ବିଶୃଙ୍ଖଳତା ସୃଷ୍ଟିକାରୀ ଅଟନ୍ତି । **ଦ୍ୱିତୀୟ** କଥା ହେଲା ସେହି ସମୟରେ କେବଳ ବିଶୃଙ୍ଖଳା ସୃଷ୍ଟିକାରୀ (କାବ୍‌ଙ୍କୁ) ଦଣ୍ଡ ଦିଆଯାଇଥିଲା ନା କି ତାହାର ପରିବାରବର୍ଗଙ୍କୁ ନା ଅନ୍ୟ କାହାରିକୁ କିନ୍ତୁ ଏଠାରେ ତ ଏମାନେ ନିରିହ ମହିଳା ଏବଂ ପିଲାମାନଙ୍କୁ ମଧ୍ୟ ହତ୍ୟା କରିବାକୁ ନିବୃତ ରହୁ ନାହାନ୍ତି ତଥା ଲୋକମାନଙ୍କୁ ଅକର୍ମନ୍ୟ କରି ଦେଉଛନ୍ତି । ସେ ଜାହା ହେଉ ଆଜିକାଲିର ନିୟମ କାନୁନ୍ ମୁତାବକ ଏସବୁ କାର୍ଯ୍ୟ ଅର୍ଥାତ ହତ୍ୟା କରିବା ଯୁକ୍ତିଯୁକ୍ତ ନୁହେଁ । ସେତେବେଳେ କାବ୍‌ର ହତ୍ୟା କରିବା ସଠିକ୍ ଥିଲା ଏବଂ ଉକ୍ତ ଦଣ୍ଡ ତାହାକୁ ପ୍ରଶାସନ ଦେଇଥିଲା ।

ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବାଦ୍ ବିନ୍ ବଶିର୍‌ଙ୍କୁ ବନୁ ସୁଲେମ୍ ଏବଂ ମୁଜୈନାଙ୍କ ନିକଟକୁ ସଦ୍‌କା ଅସୁଲ୍ କରିବା ପାଇଁ ପଠାଇଲେ । ହଜ୍‌ରତ୍ ଅବାଦ୍ ବିନ୍ ବଶିର୍ ସେମାନଙ୍କ ନିକଟରେ ଦଶଦିନ ରହିଲେ । ସେଠାରୁ ଫେରିବା ସମୟରେ ବନୁ ମୁସ୍‌ତଲିକ୍ ଠାରୁ ସଦ୍‌କା ଅସୁଲ୍ କରିବା ପାଇଁ ଗଲେ । ସେଠାରେ ମଧ୍ୟ ସେ ଦଶଦିନ ରହିଲେ । ତାପରେ ସେ ମଦିନାକୁ ଫେରିଆସିଲେ । ସେହିପରି ଏହାମଧ୍ୟ ରିଓ୍ୱାୟତ୍‌ରେ ଆସୁଛି କି ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବାଦ୍ ବିନ୍ ବଶିର୍‌ଙ୍କୁ ହୁନୈନ୍ ଯୁଦ୍ଧର ମାଲେ ଗନିମତ୍ ନିମନ୍ତେ ଆମିଲ୍ ନିଯୋଜିତ କରିଥିଲେ ଓ ତବୁକ୍ ଯୁଦ୍ଧରେ ତାଙ୍କୁ ନିଜ ପହରା ଦେବାର ଅଧ୍ୟକ୍ଷ ନିଯୁକ୍ତ କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୩୬, ଅବାଦ୍ ବିନ୍ ବଶିର୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ହଜରତ ଅବାଦ ବିନ୍ ବଶିର୍‌ଙ୍କ ଗଣନା ବିଜ୍ଞ ସାହାବାମାନଙ୍କ ମଧ୍ୟରେ ହେଉଥିଲା । ହଜରତ ଆଏଶା ର.ଅ ବର୍ଣ୍ଣନା କରିଛନ୍ତି ଅନସାର୍‌ମାନଙ୍କ ମଧ୍ୟରେ ତିନ ଜଣ ବ୍ୟକ୍ତି ଏପରି ଥିଲେ ଯାହାଙ୍କ ଶ୍ରେଷ୍ଠତା ଉପରେ ଅନ୍ୟ କାହାରି ଗଣନା ହୋଇ ପାରିବ ନାହିଁ । ସେମାନେ ଥିଲେ ହଜରତ ସାଦ ବିନ୍ ମାଜ୍, ହଜରତ ଉସେଦ୍ ବିନ୍ ହଜୀର ଓ ହଜରତ୍ ଅବାଦ ବିନ୍ ବଶିର୍ । ଏମାନେ ସମସ୍ତେ ବନୁ ଅବ୍‌ଦୁଲ୍ ଅଶହଲ୍ ଭିତରୁ ଥିଲେ ।

ହଜରତ ଅବାଦ ବିନ୍ ବଶିର୍ ବର୍ଣ୍ଣନା କରନ୍ତି କି ହଜୁର ସ.ଆ ଅନ୍‌ସାରମାନଙ୍କୁ କହିଲେ ହେ ଅନସାର୍ ଦଳ! ତୁମେମାନେ ହେଉଛ ମୋର ଶିଆର (ଅର୍ଥାତ ସେହି ବସ୍ତ୍ର ଯାହାକି ସମସ୍ତ ବସ୍ତ୍ରର ତଳେ ପରିଧାନ କରାଯାଇଥାଏ) ଏବଂ ଶରୀର ସହ ସଂଲଗ୍ନ ହୋଇ ରହିଥାଏ । ପୁନଃ କହିଲେ ଅନ୍ୟମାନେ ହେଉଛନ୍ତି ଦିସାର (ଅର୍ଥାତ ସେହି ଚଦର ଯାହାକି ଶରୀର ଉପରେ ଘୋଡ଼ାଯାଏ) । ହଜୁର ସ.ଆ କହିଲେ ମୋର ପୂର୍ଣ୍ଣ ବିଶ୍ୱାସ ଯେ ତୁମମାନଙ୍କ ନିକଟରୁ ମୋତେ କୌଣସି ପ୍ରକାରର କଷ୍ଟ ଦାୟକ ଖବର ମିଳିବ ନାହିଁ । ହଜରତ ଅବାଦ ବିନ୍ ବଶିର୍ ୪୫ବର୍ଷ ବୟସରେ ୟମାମା ଯୁଦ୍ଧରେ ଶହିଦ ହେଲେ ।

ହଜରତ ଆଏଶାଙ୍କ ଠାରୁ ବର୍ଣ୍ଣିତ ଅଛିକି ହଜୁର ସ.ଆ ମୋ ଘରେ ତହଜୁଦ୍ ନମାଜ ପାଠ କରୁଥିଲେ କି ସେହିକ୍ଷଣି ଆପଣ ହଜରତ ଅବାଦ୍ ବିନ୍ ବଶିରଙ୍କର ଆଓ୍ୱାଜ୍‌କୁ ଶୁଣିଲେ ଯିଏ ମସଜିଦ୍‌ରେ ନମାଜ ପଢୁଥିଲେ । ଆପଣ ସ:ଆ:ସ ମୋତେ ପଚାରିଲେ କି ଆଏଶା କ'ଣ ଏହା ଅବାଦଙ୍କର ଆଓ୍ୱାଜ୍ ଅଟେ ? ମୁଁ ଉତର ଦେଲି ଜି ହଜୁର! ଆପଣ ଦୁଆ କଲେ ହେ ଅଲ୍ଲାଃ

ଅବାଦ୍‌ଙ୍କ ସହ ଦୟା ଆଚରଣ କର ।

ସେହିପରି ହଜ୍‌ରତ୍ ଅନସ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ନବୀ କରିମ୍ ସ:ଆ:ସଙ୍କ ସାହାବାମାନଙ୍କ ମଧ୍ୟରୁ ଦୁଇଜଣ ବ୍ୟକ୍ତି ଗୋଟିଏ ଅନ୍ଧାର ରାତିରେ ନବୀ କରିମ୍ ସ:ଆ:ସଙ୍କ ନିକଟ ଦେଇଗଲେ । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ହଜ୍‌ରତ୍ ଅବାଦ୍ ବିନ୍ ବଶିର ଓ ଦ୍ୱିତୀୟଜଣଙ୍କୁ ମୁଁ ଭାବୁଛି କି ସେ ହଜ୍‌ରତ୍ ଉସୈଦ୍ ବିନ୍ ହୁଜୈର ଥିଲେ ଓ ସେମାନଙ୍କ ସହିତ ଦୁଇଟି ଦୀପ ସଦୃଶ ଥିଲା ଯିଏ ତାଙ୍କ ସମ୍ମୁଖରେ ପ୍ରଜ୍ୱଳିତ ହେଉଥିଲେ । ଯେବେ ସେହି ଦୁଇଜଣ ଅଲଗା ଅଲଗା ହେଲେ ସେତେବେଳେ ସେମାନଙ୍କ ମଧ୍ୟରୁ ସମସ୍ତଙ୍କୁ ସହିତ ଗୋଟିଏ ଗୋଟିଏ ଦୀପ ହୋଇଗଲେ । (ରାତି ସମୟରେ ଅନ୍ଧାରକୁ ଆଲୋକ ଦେଖାଇବା ନିମନ୍ତେ) ପରିଶେଷରେ ସେମାନେ ନିଜ ଘରଲୋକଙ୍କ ନିକଟରେ ପହଂଚିଗଲେ । (ସହି ବୁଖାରୀ କିତାବୁସ୍ ସଲାତ୍, ବାବ୍ ମିନ୍‌ହୁ ହଦିସ୍ ୪୬୫) (ସହି ବୁଖାରୀ କିତାବୁସ୍ ଶାହାଦାତ୍, ବାବ୍ ଶାହାଦତୁଲ୍ ଆମା....ହଦିସ ୨୬୫୫) (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୧୪୯-୧୫୦, ଅବାଦ୍ ବିନ୍ ବଶିର, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲମିୟା ବେରୁତ)

ସେ ହଜୁର ସ.ଆଙ୍କ ସହ ସୁଲହ୍ ହୁଦେବିୟା ଯାତ୍ରାରେ ସାମିଲ୍ ଥିଲେ । ସେ ଗସ୍ତର ବ୍ୟାଖ୍ୟା କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଲେଖୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ୧୪୦୦ ସାହାବୀମାନଙ୍କ ଠାରୁ କିଛି ଅଧିକା ଲୋକମାନଙ୍କ ସହିତ ଜୁଲ୍‌କାଦା ଛଅ ହିଜରୀର ପ୍ରାରମ୍ଭରେ ସୋମବାର ଦିନ ସକାଳବେଳା ମଦିନାରୁ ବାହାରିଲେ ଓ ଏହି ଗସ୍ତରେ ଆପଣଙ୍କ ସହଧର୍ମୀଣି ମୋହତରମା ହଜ୍‌ରତ୍ ଉମ୍ମେ ସଲ୍‌ମା ଆପଣଙ୍କ ସହିତ ଥିଲେ । ଏବଂ ମଦିନାର ଅମୀର୍ ନୁମୈଲା ବିନ୍ ଅବ୍‌ଦୁଲ୍ଲାଃଙ୍କୁ ଓ ଇମାମୁସ୍ ସଲାତ୍ ରୂପେ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକତୁମ୍‌ଙ୍କୁ, ଯାହାଙ୍କର ଦୃଷ୍ଟିଶକ୍ତି ଖରାପ ହୋଇଯାଇଥିଲା ତାଙ୍କୁ ନିୟୋଜିତ କରାଯାଇଥିଲା । ଯେତେବେଳେ ଆପଣ ଜୁଲ୍‌ହଲିଫାଠାରେ ପହଂଚିଲେ ଯାହା ମଦିନାରୁ ପାଖାପାଖି ଛଅମାଇଲ୍ ଦୂରତାରେ ମକା ଯାଉଥିବା ରାସ୍ତା ଉପରେ ଅବସ୍ଥିତ । ସେହି କ୍ଷଣି ଆପଣ ସ:ଆ:ସ ରହିବା ପାଇଁ ନିର୍ଦ୍ଦେଶ ଦେଲେ ଓ ଜୋହର୍ ନମାଜ ପଢ଼ିବା ପରେ କୁର୍ବାନୀ ନିମନ୍ତେ ଥିବା ଓଟଗୁଡ଼ିକୁ, ଯାହାଙ୍କର ସଂଖ୍ୟା ୭୦ ଥିଲା, ସେମାନଙ୍କୁ ଚିହ୍ନ ଲଗାଇବା ପାଇଁ ନିର୍ଦ୍ଦେଶ ଦେଲେ ଓ ସାହାବା ମାନଙ୍କୁ ହିଦାୟତ ପ୍ରଦାନ କଲେ କି ସେମାନେ ହାଜି ମାନଙ୍କ ଥିବା ବିଶେଷ ବସ୍ତ୍ର ଅର୍ଥାତ୍ ଯାହାକୁ ଏହରାମ୍ କୁହାଯାଉଛି ସେ ସବୁକୁ ପିନ୍ଧି ନିଅନ୍ତୁ ଓ ଆପଣ ସ:ଆ:ସ ନିଜେ ମଧ ଏହରାମ୍ ପିନ୍ଧିନେଲେ ଓ କୁରୈଶ୍‌ଙ୍କ ଅବସ୍ଥା ବିଷୟରେ ତଥ୍ୟ ହାସଲ କରିବା ପାଇଁ ଅର୍ଥାତ୍ ସେମାନେ କୌଣସି ପ୍ରକାରର ଦୁଷ୍ଟାମୀ କରିବାର ଯୋଜନା ତ ରଖିନାହାଁନ୍ତି, ସେଥିପାଇଁ ଜଣେ ଖବ୍‌ରୀ ବସର୍ ବିନ୍ ସୁଫିଆନ୍‌ଙ୍କୁ, ଯାହାଙ୍କ ସମ୍ବନ୍ଧ ଖଜାଅ କବିଲା ସହିତ ଥିଲା, ଯିଏ ମକା ନିକଟରେ ରହୁଥିଲେ ତାଙ୍କୁ ଆଗରେ ପଠାଇ ଧିରେଧିରେ ମକା ଆଡକୁ ଗସ୍ତ ଆରମ୍ଭ କଲେ ଓ ଅଧିକ ସନ୍ତର୍ପଣର ସହିତ ବହୁ ସଂଖ୍ୟକ ମୁସଲ୍‌ମାନଙ୍କ ଆଗରେ ରହିବା ପାଇଁ ଅବାଦ୍ ବିନ୍ ବଶିର୍‌ଙ୍କ ନେତୃତ୍ୱରେ ୨୦ଜଣ ସବାରୀର ଗୋଟିଏ ଦଳ ମଧ ନିୟୋଜି କଲେ । ଯେବେ ଆପଣ ସ:ଆ:ସ କିଛି ଦିନର ଯାତ୍ରା କରିବା ପରେ ଅସ୍‌ଫାନ୍ ନିକଟରେ ପହଂଚିଲେ, ଯେଉଁ ସ୍ଥାନଟି ମକାଠାରୁ ପାଖାପାଖି ଦୁଇ ମଞ୍ଜିଲ୍ ରାସ୍ତାର ଦୂରତାରେ ଅବସ୍ଥିତ ଥିଲା, ସେତେବେଳେ ଆପଣ ସ:ଆ:ସଙ୍କ ଖବ୍‌ରୀ ଫେରିଆସି ଆପଣ ସ:ଆ:ସଙ୍କ ଗୋଚରରେ ଏ ଏତେଲା ଦେଲା କି ମକାର କୁରୈଶ୍‌ମାନେ ବହୁତ ଜୋସ୍‌ରେ ଅଛନ୍ତି ଓ ଆପଣଙ୍କୁ ରୋକିବା ପାଇଁ ଦୃଢ଼ ପ୍ରତିଜ୍ଞା କରିଛନ୍ତି । ଏପରିକି ସେମାନଙ୍କ ମଧ୍ୟରୁ କିଛି ଲୋକେ ନିଜର ଜୋସ୍ ଓ ଭୟକୁ ଦେଖାଇବା ପାଇଁ ଚିତାବାଘର ଚମଡା ପିନ୍ଧି ରଖିଛନ୍ତି ଓ ଯୁଦ୍ଧ କରିବାର ଦୃଢ଼ ଇଛା ପୋଷଣ କରି ଯେକୌଣସି ଉପାୟରେ ମୁସଲ୍‌ମାନ୍‌ମାନଙ୍କୁ ରୋକିବା ପାଇଁ ଇଛା ରଖିଛନ୍ତି । ଏହା ମୋତେ ଜଣାପଡ଼ିଲା କି କୁରୈଶ୍ ନିଜର କିଛି ନିର୍ଭିକ ଆରୋହିଙ୍କର ଗୋଟିଏ ଦଳକୁ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ନେତୃତ୍ୱରେ, ଯିଏ ଏପର୍ଯ୍ୟନ୍ତ ମୁସଲ୍‌ମାନ୍ ହୋଇନଥିଲେ, ସେମାନଙ୍କୁ ଆଗକୁ ପଠାଇ ଦେଇଛନ୍ତି ଓ ସେହି ଦଳଟି ବର୍ତମାନ ମୁସଲ୍‌ମାନଙ୍କ ନିକଟରେ ପହଂଚିଗଲାଣି ଓ ଏହି ଦଳରେ ଅକ୍‌ରମା ବିନ୍ ଅବୁ ଜହଲ୍ ମଧ ସାମିଲ୍ ଅଛନ୍ତି । (ଏହି ଖବର ଆପଣ ସ:ଆ:ସଙ୍କୁ ଦିଆଗଲା) ଆଁ ହଜ୍‌ରତ୍ ସ:ଆ:ସ ଏ ଖବର ଶୁଣି ଯୁଦ୍ଧରୁ ବଂଚିବା ପାଇଁ ସାହାବା ମାନଙ୍କୁ ଏ ନିର୍ଦ୍ଦେଶ ଦେଲେ କି ପରିଚିତ ରାସ୍ତାକୁ ପରିତ୍ୟାଗ କରି ଡାହାଣପଟେ ଆଗକୁ ବଢ଼ । ସୁତରାଂ ମୁସଲ୍‌ମାନ୍‌ମାନେ ଏକ ଯନ୍ତ୍ରଣାଦାୟକ କଠିନ ରାସ୍ତା ଦେଇ ସମୁଦ୍ର କୂଳେକୂଳେ ଆଗକୁ ବଢ଼ିବା ଆରମ୍ଭ କଲେ" । (ଉଦ୍ଧୃତ ସିରତ୍ ଖାତମୁନ୍ ନବିଇନ୍, ଲେଖକ-ହଜ୍‌ରତ୍ ବଶିର ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୭୪୯-୭୫୦) ଏବଂ ସେଠାରେ ପହଂଚିଲେ । ଆଗକୁ ପୁଣି ସୁଲାହ୍ ହୁଦବିୟାର ପୁରା ଘଟଣା ରହିଛି । ହଜରତ ମହମ୍ମଦ ସ.ଆ ହଜରତ ଅବାଦ ବିନ୍ ବଶିର୍‌ଙ୍କୁ ମୁସଲମାନମାନଙ୍କ ସଂଖ୍ୟା ଗରିଷ୍ଠ ଦଳର ଆଗେ ଆଗେ ରହିବା ଅର୍ଥାତ ନେତୃତ୍ୱ ନେବା ନିମନ୍ତେ ମୁତୟନ କରିଥିଲେ । ସେ ଅତି ବିଶ୍ୱସ୍ତ ସାହାବି ଥିଲେ ।

ହଜ୍‌ରତ୍ ଅବାଦ୍ ବିନ୍ ବଶିର ହୁଦେବିୟାରେ ବୟତେ ରିଜ୍‌ୱାନରେ ସାମିଲ୍ ଥିଲେ । ଜାତୁର୍ ରିକାଆ ଯୁଦ୍ଧ ସମୟର ଗୋଟିଏ ଘଟଣା କି ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ରାତି ଗୋଟିଏ ଜାଗାରେ ରହିଲେ ଓ କହିଲେ ବର୍ତମାନ ଜୋର୍‌ରେ ପବନ ବହୁଛି । ଓ ହଜୁର ସ.ଆ ମତ ପ୍ରକାଶ କଲେ, ଆଜି ରାତିରେ କିଏ ମୋର ପହରା ଦେବ କହିବାରେ ହଜରତ ଅବାଦ ବିନ୍ ବଶିର ଓ ହଜରତ ଅମାର ବିନ୍ ୟାସିର ଆଗକୁ ବଢ଼ି କହିଲେ ହଜୁର ଆମେ ପହରା ଦେବୁ । ଏହାପରେ ସେହି ଦୁଇଜଣଯାକ ଘାଟିର ଶିଖରରେ ବସିପଡ଼ିଲେ । ପୁଣି ହଜ୍‌ରତ୍ ଅବାଦ୍ ବିନ୍ ବଶିର୍ ହଜ୍‌ରତ୍ ଅମାର୍ ବିନ୍ ୟାସିର୍‌ଙ୍କୁ କହିଲେ କି ରାତିର ପ୍ରଥମ ଅର୍ଦ୍ଧରେ ମୁଁ ପହରା ଦେଇଦେଉଛି ଓ ତାଙ୍କୁ କହିଲେ ତୁମେ ଯାଇ ଶୋଇଯାଅ ଓ ଶେଷ ପ୍ରହର ରାତ୍ରିରେ ତୁମେ ପ୍ରହରା ଦେଇଦେବ ଯଦ୍ୱାରା ମୁଁ ଶୋଇଯିବି । ଅତଃ ହଜ୍‌ରତ୍ ଅମାର୍ ବିନ୍ ୟାସିର୍ ତ ଶୋଇଗଲେ ଓ ହଜ୍‌ରତ୍ ଅବାଦ୍ ବିନ୍ ବଶିର୍ ଛିଡ଼ା ହୋଇ ନମାଜ ପଢ଼ିବାକୁ ଲାଗିଲେ । ଦୁହେଁ ଜଣ ଜଣ କରି ପହରା ଦେଲେ ।

ଏପଟେ ନଜଦ୍‌ର ଇଲାକାରେ ଆଁ ହଜ୍‌ରତ୍ ସ:ଆ:ସ ସେଠାରେ ସେମାନଙ୍କ ଅତ୍ୟାଚାର ଯୋଗୁ ଯେଉଁ ମହିଳାମାନଙ୍କୁ ଧରିଥିଲେ ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସ୍ୱାମୀ ସେ ସମୟରେ ଅନ୍ତର୍ଧାନ ହୋଇଯାଇଥିଲା । ଯଦି ସେ ଥାଆନ୍ତା ସେ ତା ସ୍ୱାମୀଙ୍କ ସହିତ ରହିଥାନ୍ତା । କିନ୍ତୁ ଯେବେ ସେ ଫେରିଆସିଲା ସେ ଜାଣିବାକୁ ପାଇଲା କି ତା ସ୍ତ୍ରୀ କୁ ମୁସଲ୍‌ମାନ୍‌ମାନେ କଏଦୀ କରିଦେଇଛନ୍ତି । ସେ ସେହିକ୍ଷଣି ରାଣ ଖାଇଲା କି ସେ ସେପର୍ଯ୍ୟନ୍ତ ଶାନ୍ତିରେ ବସିବ ନାହିଁ ଯେପର୍ଯ୍ୟନ୍ତ ମୁହମ୍ମଦ୍ ସ:ଆ:ସଙ୍କୁ କ୍ଷତି ନପହଂଚାଇଛି ବା ତାଙ୍କ ସାହାବା ମାନଙ୍କୁ ହତ୍ୟା ନକରିଛି । ତେଣୁ ସେ ପଛରେ ପଛରେ ଆସି ୱାଦି ନିକଟରେ ପହଂଚିଲା । ଯେଉଁଠି ଆଁ ହଜ୍‌ରତ୍ ସ:ଆ:ସ ବିଶ୍ରାମ କରୁଥିଲେ । ଯେଯେବେଳେ ସେ ୱାଦୀର ଦର୍‌ରାଃ (ଦୁଇଟି ପାହାଡ ମଧ ଦେଇ ଯାଇଥିବା ସଂକୀର୍ଣ୍ଣ ରାସ୍ତା)ରେ ହଜ୍‌ରତ୍ ଅବାଦ୍ ବିନ୍ ବଶିରଙ୍କ ଛାଇକୁ ଦେଖିଲା ସେତେବେଳେ କହିଲା କି ଏହା ଶତ୍ରୁଙ୍କ ପହରାଦାର୍ । ତେଣୁ ସେ ତୀରକୁ କମାଣରେ ଦେଇ ମାରିଦେଲା । ସେହି ତୀରଟି ହଜ୍‌ରତ୍ ଅବାଦ୍ ବିନ୍ ବଶରଙ୍କ ଶରୀର ଭିତରେ ପଶିଗଲା । ସେତେବେଳେ ସେ ନମାଜ ପାଠ କରୁଥିଲେ । ତୀର ଆପଣଙ୍କ ଶରୀରରେ ଭେଦ କରିଗଲା କିନ୍ତୁ ଆପଣ ନମାଜ ପାଠ କରିବାରେ ମଗ୍ନ ରହିଲେ । ଉକ୍ତ ଦୁର୍ବୃତ ଜଣକ ତାଙ୍କୁ କ୍ରମାଗତ ଭାବରେ ତିନୋଟି ତୀର ମାରିଲା ଯଦ୍ୱାରା ଆପଣଙ୍କ ଶରୀରରୁ ପ୍ରବଳ ରକ୍ତ ସ୍ରାବ ହେଲା କିନ୍ତୁ ଆପଣ ନମାଜ ଭଙ୍ଗ କଲେ ନାହିଁ । ନମାଜ ଶେଷ କରିବା ପରେ ଆପଣ ହଜରତ ଅମାର ବିନ୍ ୟାସିରଙ୍କୁ ଜଗାଇଲେ, ସେ ତାଙ୍କର ଏପରି ଅବସ୍ଥା ଦେଖି କହିଲେ ତୁମେ ମୋତେ ପୂର୍ବରୁ କାହିଁ ଜଗାଇଲ ନାହିଁ? ସେ ଉତର ଦେଲେ ମୁଁ ନମାଜରେ ସୁରହ୍ କାହାଫ୍ ପାଠ କରୁଥିଲି ତେଣୁ ନମାଜ ଭଙ୍ଗ କରିବାକୁ ମୋର ମନ ଡ଼ାକିଲା ନାହିଁ । (ସିରତୁଲ୍ ହଲ୍‌ବିୟା, ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୩୬୮-୩୬୯, ଗଜ୍‌ୱା ଜାତୁର୍ ରିକାଆ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୨) ଏହାଥିଲା ସେହି ଲୋକମାନଙ୍କ ଉପାସନା କରିବାର ଅବସ୍ଥା । ସେ ୟମାମା ଯୁଦ୍ଧରେ ଶହିଦ୍ ହେଲେ ।

ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରୀ ର:ଅ ରିୱାୟତ୍ କରୁଛନ୍ତି କି ମୁଁ ହଜ୍‌ରତ୍ ଅବାଦ୍ ବିନ୍ ବଶିରଙ୍କୁ ଏ କଥା କହିବାର ଶୁଣିଛି କି ହେ ଅବୁସଇଦ୍! ମୁଁ ରାତ୍ରିରେ ଗୋଟିଏ ସ୍ୱପ୍ନ ଦେଖିଛି କି ଆକାଶ ପୋ ପାଇଁ ଖୋଲି ଦିଆଗଲା ପୁଣି ଘୋଡାଇ ଦିଆଗାଲା । କହୁଛନ୍ତି କି ସେ କହିଲେ ଇନ୍‌ସାଅଲ୍ଲାଃ ମୋ ଭାଗ୍ୟରେ ଶହିଦ୍ ହେବାର ଅଛି । ଏଥିରେ ମୁଁ କହିଲି ଅଲ୍ଲାଃଙ୍କ ରାଣ ତୁମେ ବହୁତ ଭଲ କଥା ଦେଖିଛ । ହଜ୍‌ରତ୍ ଅବୁସଇଦ ଖୁଦ୍‌ରୀ ର:ଅ କହୁଛନ୍ତି କି ୟମାମା ଯୁଦ୍ଧରେ ମୁଁ ଏହା ଦେଖିଲି କି ହଜ୍‌ରତ୍ ଅବାଦ୍ ବିନ୍ ବଶିର୍ ଅନ୍‌ସାର୍‌ମାନଙ୍କୁ ଡାକୁଥିବଲେ କି ତୁମେମାନେ ତରବାରିର ମିଆନ୍ (ତରବାରି ରଖିବାର ସ୍ଥାନ)କୁ ଭାଙ୍ଗି ଦିଅ ସେ ଲୋକମାନଙ୍କ ଠାରୁ ଅଲଗା ହୋଇଗଲେ । ସେ ଅନ୍‌ସାରମାନଙ୍କ ମଧ୍ୟରୁ ଛଟାଛଟି କରି ୪୦୦ ଲୋକଙ୍କୁ ନେଲେ ଯେଉଁମାନଙ୍କ ମଧ୍ୟରେ ଆଉ କେହି ସାମିଲ୍ ନଥିଲେ । ସେମାନଙ୍କ ଆଗରେ ହଜ୍‌ରତ ଅବାଦ ବିନ୍ ବଶିର୍, ହଜ୍‌ରତ୍ ଅବୁ ଦୁଜାନା ଏବଂ ହଜ୍‌ରତ୍ ବରାଅବିନ୍ ମାଲିକ୍ ଥିଲେ । ଏହି ଲୋକମାନେ ବାବୁଲ୍ ହଦିକା ପର୍ଯ୍ୟନ୍ତ ପହଂଚି ଭୀଷଣ ଯୁଦ୍ଧ କଲେ । ହଜ୍‌ରତ୍ ଅବାଦ୍ ବିନ ବଶିର୍ ଶହିଦ୍ ହେଲେ । ମୁଁ ତାଙ୍କ ଚେହେରାରେ ତରବାରି ଦ୍ୱାରା ଆଘାତ ପହଂଚିଥିବା ଏତେମାତ୍ରାରେ ଚିହ୍ନ ଦେଖିଲି କେବଳ ତାଙ୍କ ଶରୀରର ଲକ୍ଷଣକୁ ଦେଖି ତାଙ୍କୁ ଚିହ୍ନି ପାରିଲି" । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୩୬-୩୩୭, ଅବାଦ୍ ବିନ୍ ବଶିର, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲମିୟା ବେରୁତ ୧୯୯୦)

ଆଉ ଜଣେ ସାହାବି ହଜରତ ସଓ୍ୱାଦ ବିନ୍ ଗଜିୟା ର.ଅ ଅଟନ୍ତି । ସେ ମଧ ଅନ୍‌ସାରୀ ଥିଲେ । ତାଙ୍କର ସମ୍ପର୍କ ବନୁ ଅଦି ବିନ୍ ନଜାର କବିଲା ସହିତ ଥିଲା । ବଦର, ଓ୍ୱହଦ, ଖନ୍ଦକ ଓ ଅନ୍ୟାନ୍ୟ ଯୁଦ୍ଧରେ ସେ ସାମିଲ ଥିଲେ । ବଦର ଯୁଦ୍ଧରେ ଆପଣ ଖାଲିଦ୍ ବିନ୍ ହିଶାମ୍ ମଖଜୁମିଙ୍କୁ କଏଦ କରିଥିଲେ । ଗୋଟିଏ ରିୱାୟତରେ ଆସୁଛି କି ହଜୁର ସ.ଆ ଆପଣଙ୍କୁ ଖୈବର୍‌ର ଆମିଲ୍ (କର୍ମକର୍ତା) କରି ପ୍ରେରଣ କରିଥିଲେ । ପ୍ରତ୍ୟାବର୍ତନ ସମୟରେ ସେଠାରୁ ଉତମ ଖଜୁରୁ ନେଇ ଆସିଥିଲେ । ହଜୁର ସ.ଆ ତାଙ୍କ ଠାରୁ ଏକ ସାଆ(ଓଜନର) ଖଜୁରୁ ଦୁଇ ସାଆ ସାଧାରଣ ଖଜୁରୁ ବଦଳରେ କ୍ରୟ କରିଥିଲେ । (ଅସଦୁଲ୍ ଗାବା, ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୫୯୦, ସଓ୍ୱାଦ୍ ବିନ୍ ଗଜ୍‌ୟା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ) ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସେହି ଖଜୁର୍ ବହୁତ ପସନ୍ଦ ହେଲା । ତେଣୁ ଆପଣ ସ:ଆ:ସ ତାର ସେ ସମୟର ମୂଲ୍ୟ ଯାହା ଥିଲା ତା ପ୍ରତିବଦଳରେ ଅନ୍ୟ ଖଜୁର ଦେଇ ସେଗୁଡ଼ିକୁ କିଣିନେଲେ ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ଖାତମୁନ୍ ନବିଇନ୍ ପୁସ୍ତକରେ ବଦର୍ ଯୁଦ୍ଧର ଘଟଣା ଚକ୍ରରେ ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ସଓ୍ୱାଦଙ୍କ ସୌଭାଗ୍ୟ ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରେମ ବିଷୟରେ ଗୋଟିଏ ଚର୍ଚ୍ଚା ମିଳୁଛି । ରମ୍‌ଜାନ୍ ୨ ହିଜରୀ ର ୧୭ ତାରିଖଟି ଶୁକ୍ରବାର ଦିନ ଥିଲା । ଖ୍ରୀଷ୍ଟାବ୍ଦ ହିସାବ ମୁତାବକ ୧୪ ମାର୍ଚ୍ଚ ୬୨୩ ଖ୍ରୀଷ୍ଟାବ୍ଦ ଥିଲା । ସକାଳେ ଉଠି ସର୍ବପ୍ରଥମେ ନମାଜ ପଢ଼ାଗଲା । ପୁଣି ଇଶ୍ୱରଙ୍କ ଉପାସନାକାରୀ ଖୋଲା ପଡ଼ିଆରେ ଏକଶ୍ୱର

ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ.....

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ଫ୍ୟାମିଲି ସାକ୍ଷାତ୍କାରର ବ୍ୟବସ୍ଥା ହୋଟେଲ୍‌ର ଗୋଟିଏ ଭାଗରେ କରାଯାଇଥିଲା ।

ଆଜି ଟୋକିଓ ଜମାତ୍‌ର ୩୧ଟି ଫ୍ୟାମିଲି ଓ ଜଣକିଆ ଲୋକେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ମୋଟ ୮୯ଜଣ ସଦସ୍ୟ ସାକ୍ଷାତ୍ କଲେ ।

ଏହି ସମସ୍ତ ଲୋକେ ଓ ଫ୍ୟାମିଲିର ମେମ୍ବର୍‌ମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର କୁନିକୁନି ପୁଅଝିଅମାନଙ୍କୁ ଚକୋଟେଲ୍ ପ୍ରଦାନ କଲେ ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ୮:୪୦ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍‌ରିବ୍ ଓ ଇସା ଜମା କରି ପଢ଼ାଇଲେ । ନମାଜ ପଢ଼ିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସ ସ୍ଥଳୀ ନିମନ୍ତେ ଧାର୍ଯ୍ୟଥିବା ଆପାର୍ଟମେଂଟ୍‌କୁ ଚାଲିଗଲେ ।

**ଫୁଲଗୁଚ୍ଛରେ ପରିପୂର୍ଣ୍ଣ ଏକ ଉପହାର**

ଜାପାନ୍‌ର ଧର୍ମ ଓ ସଂସ୍କୃତିରେ ଫୁଲକୁ ଏକ ବିଶେଷ ଗୁରୁତ୍ୱ ଦିଆଯାଇଛି । ସୁନ୍ଦର ଫୁଲର ଗୁଚ୍ଛ ହେଉଛି ଜାପାନୀ ଧର୍ମ ଓ ସଂସ୍କୃତିର ଅଂଶ ।

ଆଜି ଟୋକିଓରେ ରିସିପ୍‌ସନ୍ ଅବସରରେ ଜମାତ୍‌ର ଜଣେ ପୁରୁଣା ବନ୍ଧୁ ଓ ଜଣେ ବ୍ୟବସାୟୀ Mr. Takeshi Kohji ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ନିଜ ତରଫରୁ ପ୍ରତ୍ୟେକ ହଲଗୁଡିକୁ ଫୁଲ ଦ୍ୱାରା ସଜାଇଥିଲେ । ତାଙ୍କ କହିବାର କଥା ଏହା ଥିଲା କି ମୁଁ ଅନେକ ଦିନରୁ ଏହା ଭାବିଆସୁଥିଲି କି ଜମାତ୍‌ର ସର୍ବୋଚ୍ଚ ନେତା ଓ ଖଲିଫାଙ୍କ ସ୍ୱାଗତ କେଉଁଭଳି କରିବି ଓ ସେହି ଅବସରରେ କଣ ଉପହାର ଉପସ୍ଥାପନ କରିବି । ସର୍ବଶେଷରେ ମୁଁ ଏ ନିଷ୍ପତି ନେଲି କି ଫୁଲରେ ପରିପୂର୍ଣ୍ଣ ପରିବେଶ ଦ୍ୱାରା ଖଲିଫତୁଲ୍ ମସିହ୍‌ଙ୍କୁ ସ୍ୱାଗତ ଜଣାଇବା ସବୁଠାରୁ ଉତ୍ତମ ଉପହାର ହେବ ।

**ଏହି ଉତ୍ସବରେ ସାମିଲ୍ ହୋଇଥିବା ଅତିଥିମାନଙ୍କର ମନୋଭାବ ବ୍ୟକ୍ତ**

ଏହି ଅବସରରେ ସାମିଲ୍ ହୋଇଥିବା ଅତିଥିମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ ଶୁଣି ଅତ୍ୟନ୍ତ ପ୍ରଭାବିତ ହେଲେ ଓ ସେମାନଙ୍କ ମଧ୍ୟରୁ କିଛି ନିଜ ମନୋଭାବକୁ ପ୍ରକାଶ ମଧ୍ୟ କଲେ । କିଛିଟା ମନୋଭାବ ପାଠକଙ୍କ ନିମନ୍ତେ ଉପସ୍ଥାପନ କରାଯାଉଛି ।

ନିହୁନ୍ ୟୁନିଭରସିଟିର ଚାନ୍‌ସେଲର୍ Mr. Urano Tatsuno ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ ମୁଁ ଏହା ଚିନ୍ତା କରୁଥିଲି ଯେ ଆପଣ ଆମକୁ କଣ ବତାଇବେ ? କିନ୍ତୁ ୨୦ ମିନିଟ୍ ମଧ୍ୟରେ ଆପଣ ବିଗତ ଇତିହାସ ଓ ଆସନ୍ତାକୁ ଉପୁଜିବାକୁ ଥିବା ପରିସ୍ଥିତି ବିଷୟରେ ବହୁତ ସୁନ୍ଦର ରୂପେ ସଂକ୍ଷିପ୍ତ ସମୟ ଭିତରେ ସମସ୍ତ କଥାକୁ ଉପସ୍ଥାପନ କଲେ । ଆପଣ ବାସ୍ତବିକ ଓ ସଠିକ୍ କଥା କହିଲେ । ଯୁଦ୍ଧର କ୍ଷୟକ୍ଷତି ବିଷୟରେ ଅବଗତ କରାଇଲେ ଓ ଆସନ୍ତାରେ ହେବାକୁ ଥିବା ଯୁଦ୍ଧ ବିଷୟରେ ଆମକୁ ସଚେତନ କଲେ । ଅତ୍ୟନ୍ତ ସ୍ୱଳ୍ପ ସମୟ ଭିତରେ ଇସ୍‌ଲାମ୍‌ର ଶିକ୍ଷା ମଧ୍ୟ ବତାଇଲେ । ଏହି ଅଭିଭାଷଣଟିକୁ ଇଂରାଜୀ ଓ ଜାପାନୀ ଭାଷାରେ ସମ୍ପୂର୍ଣ୍ଣ ଜାପାନ୍‌ରେ ପ୍ରସାର ହେବା ଉଚିତ୍ ।

ଆଉଜଣେ ବନ୍ଧୁ Mr. Martin Blackway, ଯିଏ ହେଉଛନ୍ତି ଜଣେ ବାଣିଜ୍ୟ ଉପଦେଷ୍ଟା ଓ ଜଣେ ପ୍ରସିଦ୍ଧ କବି ମଧ୍ୟ ଓ ଗୋଟିଏ ପୁସ୍ତକ ମଧ୍ୟ ଲେଖିଛନ୍ତି । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ:- ‘‘ଯାହା କିଛି ମୁଁ ପୁସ୍ତକରେ ଲେଖିଥିଲି ହଜୁର୍ ତା ଉପରେ ମୋହର ଲଗାଇଦେଲେ’’ ।

ଜଣେ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଝିଅ Ohara Blackway ସାହିବା ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ କହିଲେ- ଆପଣ ଜାପାନୀମାନଙ୍କ ସମ୍ବୋଧନ କରି ଆମ ଉପରେ ଏକପ୍ରକାର ଦୟା କରିଛନ୍ତି । ଏହାଦ୍ୱାରା ଆମେ ବହୁତ ପ୍ରଭାବିତ ହୋଇଛୁ ।

ଆଉଜଣେ ଜାପାନ ବନ୍ଧୁ Shinsaku Lida ସାହେବ୍ ବର୍ଣ୍ଣନା କଲେ କି ଆଜି ଯଦି ଆପଣମାନେ ମୋତେ ନ ଡାକିଥାନ୍ତେ ଓ ମୁଁ ଯଦି ଏଠାକୁ ନ ଆସିଥାନ୍ତି ତେବେ ମୁଁ ବହୁତ ବଡ଼ କ୍ଷତିରେ ପଡ଼ିଥାନ୍ତି ।

ସେହିପରି ଆସାହି ଖବରକାଗଜର ଚିଫ୍ ରିପୋର୍ଟର୍ Kato Hironori ସାହେବ୍ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭବକୁ ବ୍ୟକ୍ତ କରି କହିଲେ ଯଦି ଯମାତ୍ ଅହେମଦୀୟ ଜାପାନ୍ ନିଜର ସ୍ୱେଚ୍ଛାସେବୀ କର୍ମ ମାଧ୍ୟମରେ ଆମ ଦୃଷ୍ଟିକୁ ନ ଆସିଥାନ୍ତେ ତେବେ ଆମେ ଇସ୍‌ଲାମ୍‌ର ଏହି ସୁନ୍ଦର ଚେହେରାକୁ ଦେଖିବାରୁ ବଂଚିତ ରହିଥାନ୍ତୁ ।

ଆଉଜଣେ ବୌଦ୍ଧମତର ଚିଫ୍ ପ୍ରିଏଷ୍ଟ ଓ ଧର୍ମୀୟ ନେତା Sato Ryoki ସାହେବ ନିଜର ଭାବନାକୁ ପ୍ରକାଶ କରି କହିଲେ ‘‘ମୁଁ ହେଉଛି ଜଣେ ବୁଦ୍ଧିଷ୍ଟ, କିନ୍ତୁ ହଜୁରଙ୍କ କଥା ଶୁଣି ମୋ ଆଖିରୁ ଅଶ୍ରୁ ବୋହିଗଲା’’ ।

ହଜୁର୍ ଅନୁଓ୍ୱରଙ୍କ ସହିତ ସାକ୍ଷାତ୍ କରିବା ପରେ ସେ ନମାଜ ମଧ୍ୟ ପଢ଼ିଲେ ଓ ଯେପର୍ଯ୍ୟନ୍ତ ହଜୁର୍ ଅନୁଓ୍ୱର୍ ଏଠାରୁ ବିଦାୟ ନନେଲେ ସେପର୍ଯ୍ୟନ୍ତ ହଲ୍ ଭିତରେ ଉପସ୍ଥିତ ରହି ହଜୁର୍ ଅନୁଓ୍ୱରଙ୍କ ଦର୍ଶନ କରୁଥିଲେ ଓ ଅଶ୍ରୁଳ ନୟନ ସହିତ ନମାଜ ମଧ୍ୟ ପଢ଼ିଚାଲିଲେ ।

ନୋଟ୍ - ୨୦୧୩ ମସିହାରେ ଯେବେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜାପାନ୍ ଆସିଥିଲେ ସେତେବେଳେ ଏହି ବୁଦ୍ଧିଷ୍ଟ ପ୍ରିଏଷ୍ଟ ଜଣକ ଗୋଟିଏ ରିସିପ୍‌ସନ୍‌ରେ ସାମିଲ୍ ହୋଇଥିଲେ ଓ ହଜୁର୍ ଅନୁଓ୍ୱରଙ୍କ ସହିତ ସାକ୍ଷାତ୍ କରିଥିଲେ । ଏହାପରେ ଜଣେ ଅହେମଦୀ ତାଙ୍କୁ କହିଲେ କି ଆପଣ ଦୁଆ କରନ୍ତୁ କି ଇଶ୍ୱର ଆପଣଙ୍କୁ ନିଜର ଅସ୍ତିତ୍ୱକୁ ଦେଖାଇବେ । ସେତେବେଳେ ସେ କହିଲେ କି ମୁଁ ତ ଇଶ୍ୱରଙ୍କ ସତାକୁ ବିଶ୍ୱାସ କରୁନାହିଁ । ତେବେ ପ୍ରାର୍ଥନା କିପରି କରିବି ? (କିନ୍ତୁ) ଆଜି ସେହି ବୁଦ୍ଧିଷ୍ଟ ପ୍ରିଏଷ୍ଟ ଜଣକ ପୁନର୍ବାର ହଜୁରଙ୍କ ପ୍ରୋଗ୍ରାମ୍‌ରେ ସାମିଲ୍ ହେବାଦ୍ୱାରା ତାଙ୍କର ଚିନ୍ତାଧାରା ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି । କାରଣ ସେ ହଜୁର୍ ଅନୁଓ୍ୱରଙ୍କ ନେତୃତ୍ୱରେ ଅଶ୍ରୁଳ ନମାଜ ପଢ଼ିଲେ ।

ଗାଡ଼ି ନିର୍ମାଣ କରୁଥିବା ଗୋଟିଏ ବଡ କମ୍ପାନୀର ସଭାପତି Serio Ito ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ଥିଲେ । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ- ଆପଣ ଗୋଟିଏ ଫିର୍‌କାର ନେତା ବୋଲି ଜଣାପଡୁନାହାଁନ୍ତି, ବରଂ ଗୋଟିଏ ଏପରି ଆନ୍ତର୍ଜାତୀୟ ନେତା ଅଟନ୍ତି ଯାହାଙ୍କର ଦୃଷ୍ଟି ସମଗ୍ର ସଂସାରରେ ରହିଛି ଏବଂ ଆପଣଙ୍କର କଥା ସମଗ୍ର ସଂସାର ପାଇଁ ପଥପ୍ରଦର୍ଶକ ଅଟେ ।

ଆଉଜଣେ ଜାପାନୀ ବନ୍ଧୁ Toshihiss Miyazaki ସାହେବ୍ କହିଲେ-ଆପଣଙ୍କର ଅଭିଭାଷଣ ଓ ଜାପାନୀ ଜାତିଙ୍କ ନିମନ୍ତେ ଥିବା ଉପଦେଶ ସାଧାରଣ ନଥିଲା । ଆପଣଙ୍କ ଅଭିଭାଷଣରେ ଇସ୍‌ଲାମୀୟ ଶିକ୍ଷାର ହଓ୍ୱାଲା ମଧ୍ୟ ଥିଲା । ବିଶ୍ୱ ଇତିହାସ ବିଷୟରେ ଧାରଣା ମଧ୍ୟ ଥିଲା । ସାନ୍‌ଫ୍ରାନ୍‌ସିସ୍‌କୋର ଶାନ୍ତି ଚୁକ୍ତି ସମ୍ବନ୍ଧରେ ଜଣେ ମୁସଲ୍‌ମାନଙ୍କ ରୋଲ୍ ଆମପାଇଁ ନୂଆକଥା ଥିଲା ।

ଆଉଜଣେ ବନ୍ଧୁ Akiko Komura ସାହେବ୍ ନିଜର ମନୋଭାବକୁ ପ୍ରକାଶ କରି କହିଲେ ଜାପାନ୍‌ର ଇତିହାସ୍ ସମ୍ବନ୍ଧରେ ଆପଣଙ୍କ ଜ୍ଞାନ ଆମଠାରୁ ଅଧିକ । ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଧ୍ୱଂସକାରୀ ବିଷୟରେ ସୁଚନାଦେବା ସହିତ ଆପଣ ତୃତୀୟ ବିଶ୍ୱଯୁଦ୍ଧ ବିଷୟରେ ମଧ୍ୟ ସଚେତନ କଲେ ।

ଜଣେ ଜାପାନୀ ମୁସଲ୍‌ମାନ ବନ୍ଧୁ ଇସ୍‌ମାଇଲ୍ ହିରାନୋ ସାହେବ୍ କହିଲେ ମୁଁ ହେଉଛି ଜଣେ ମୁସଲ୍‌ମାନ୍ । କିନ୍ତୁ କୌଣସି ମୁସଲ୍‌ମାନ୍ ଜ୍ଞାନୀଙ୍କ ମୁହଁରୁ ଏପରି କଥା କେବେ ଶୁଣିନାହିଁ । ଇତିହାସ ହେଉ ବା ବିଧ୍ୱଂସକାରୀ ଯୁଦ୍ଧ ହେଉ, ଆପଣ ସବୁକିଛି ବର୍ଣ୍ଣନା କରିଦେଲେ । ମୁଁ ପବିତ୍ର କୋରାନ୍ ପଢୁଥିବା ସତ୍ତ୍ୱେ ମଧ୍ୟ ସେହି ସମସ୍ତ କଥା ଜାଣିନଥିଲି, ଯେଉଁକଥା ସବୁ ଖଲିଫତୁଲ୍ ମସିହ୍ ବର୍ଣ୍ଣନା କଲେ ।

ସେହ ପୁଣି କହିଲେ- ଯଦିଚ ମୁଁ ଅଣ ଅହେମଦୀ ମୁସଲ୍‌ମାନ୍ ଅଟେ କିନ୍ତୁ ମୁଁ ଆପଣଙ୍କ ଖଲିଫାଙ୍କ ବ୍ୟକ୍ତିତ୍ୱରେ ଏକ ପ୍ରକାର ରୋବ୍ (ପ୍ରଭାବ) ଓ ତହକୁମ୍ ଦେଖିବାକୁ ପାଇଲି । ମୋତେ ବହୁତ ଖୁସି ଲାଗିଲା ଯେ ଖଲିଫା ପବିତ୍ର କୋରାନ୍‌ର ହଓ୍ୱାଲା ଦେଇ ଇସ୍‌ଲାମୀୟ ଶିକ୍ଷାକୁ ବର୍ଣ୍ଣନା କଲେ ଓ ସେହି ହଓ୍ୱାଲା ଗୁଡିକ ସାଧାରଣ ନଥିଲା ବରଂ ବାସ୍ତବିକତା ଉପରେ ତାର ଆଧାର ଥିଲା । କେହି ଏହା କହିପାରିବେ ନାହିଁ କି ଖଲିଫା ଇସ୍‌ଲାମ୍‌ର ପ୍ରତିନିଧିତ୍ୱ କରୁନଥିଲେ । କାରଣ ଖଲିଫତୁଲ୍ ମସିହ୍ ଯାହାକିଛି ମଧ୍ୟ ବର୍ଣ୍ଣନା କଲେ ତାହା ପବିତ୍ର କୋରାନ୍‌ର ହଓ୍ୱାଲା ମୁତାବକ ବର୍ଣ୍ଣନା କଲେ ଓ ଏହା ମଧ୍ୟ କହିଲେ କି ଏହା ହେଉଛି ପ୍ରକୃତ ଇସ୍‌ଲାମ୍ । ମୁଁ ପୂର୍ବରୁ କଦାପି ନିଜ ଜୀବଦଶାରେ ଇସ୍‌ଲାମ୍‌ର ଏ ପ୍ରକାର ସୁନ୍ଦର ବ୍ୟାଖ୍ୟା ଜାଣିନଥିଲି ।

ମୁଁ ପୂର୍ବରୁ କେବେ ତୃତୀୟ ବିଶ୍ୱଯୁଦ୍ଧ ସମ୍ବନ୍ଧରେ ମଧ୍ୟ ଭାବିନଥିଲି । କିନ୍ତୁ ଏବେ ମୋତେ ଅନୁଭବ ହେଉଛି କି ତୃତୀୟ ବିଶ୍ୱଯୁଦ୍ଧ ଏ ସଂସାର ପାଇଁ ବାସ୍ତବିକ ଏକ ବଡ଼ ବିପଦ । ଖଲିଫା ହେଉଛନ୍ତି ଜଣେ ଦୂରଦ୍ରଷ୍ଟା ବ୍ୟକ୍ତି ଓ ତାଙ୍କୁ ଆମ ଭବିଷ୍ୟତ ବିଷୟରେ ବହୁତ ଚିନ୍ତା । ଜଣେ ମୁସଲ୍‌ମାନ୍ ହୋଇଥିବା ଯୋଗୁ ମୁଁ ଖଲିଫତୁଲ୍ ମସିହ୍‌ଙ୍କୁ ଧନ୍ୟବାଦ ଜଣାଉଛି ।

ଆଉଜଣେ ବନ୍ଧୁ Yuka Kikuoka ସାହେବ୍ ବର୍ଣ୍ଣନା କଲେ:- ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣଟି ଆମର ଆଖି ଖୋଲିଦେଇଛି । ଆପଣ ଆମକୁ ସେ ସବୁ କଥା ବତାଇଛନ୍ତି ଯାହା ବିଷୟରେ ଆମେ କେବେ ଭାବି ନଥିଲୁ । ଆମେ ତ ଶାନ୍ତି ଓ ସ୍ଥିରତାର ଏହି ପରିବେଶରେ ଉକ୍ତ ବିପଦଗୁଡିକର ବିଷୟରେ ଭାବି ମଧ୍ୟ ପାରିବୁନାହିଁ, ଯେଉଁ ସବୁ ବିଷୟରେ ଆପଣ ଚର୍ଚ୍ଚା କଲେ । ଯୁଦ୍ଧ କେତେ ଭୟାନକ ହୋଇଥାଏ ଓ ପରମାଣୁ ଆକ୍ରମଣ କେତେ ବିଧ୍ୱଂସକାରୀ ହୁଏ ତାହା ଆଜି ଆମକୁ ଜଣାପଡ଼ିଲା ।

ଆଉଜଣେ ବନ୍ଧୁ Ito Hiroshi ସାହେବ୍ କହିଲେ:- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହିରୋସୀମା ଉପରେ ଆଟମିକ୍ ଆକ୍ରମଣ ହେବା ପରେ ଜମାତ୍‌ର ଇମାମ୍‌ଙ୍କ ତରଫରୁ ଏହାର ଖଣ୍ଡନ ଅଭିଭାଷଣ ହେଉଛି ଏକ ଅସାଧାରଣ କଥା । ଏଥିରୁ ଜମାତ୍ ଅହେମଦୀୟାର ଶାନ୍ତି ସ୍ଥାପନା ନିମନ୍ତେ ଯେଉଁ କାର୍ଯ୍ୟପନ୍ଥା ରହିଛି ତାହା ସ୍ପଷ୍ଟ ହେଉଛି ।

ଆଉଜଣେ ଜାପାନୀ ବନ୍ଧୁ Mr. Hidenor Sakanaka ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ମୁଁ ଆଜି ଏଠାରୁ ଏହା ଶିଖିବାକୁ ପାଇଲି କି ଯେଉଁ ଲୋକମାନେ ଇସ୍‌ଲାମ୍‌କୁ ‘ଦାଇଶ’ ସହିତ ଯୋଡୁଛନ୍ତି ତାହା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଆଜି ଖଲିଫତୁଲ୍ ମସିହ୍ ଆମକୁ ଶାନ୍ତିର ବାର୍ତା ଦେଇଛନ୍ତି । ଆଜିର ଯଗରେ ଏ ଦୁନିଆର ଶାନ୍ତିର ବିପରୀତ ଯୁଗରେ ପରିଚାଳିତ ଓ ମୁଁ ଖଲିଫତୁଲ୍ ମସିହ୍‌ଙ୍କ କଥାରେ ସହମତ କି ଆମକୁ ଏକ ପରିବର୍ତନ ଆଣିବାର ଆବଶ୍ୟକତା ଅଛି । ଆଜିକାଲି ଆମେ ଯେଉଁ ବମ୍ ଫିଙ୍ଗିବା ଏବଂ ଆକାଶ ମାର୍ଗରୁ ଆକ୍ରମଣ କରିବା ପାଇଁ ପ୍ରୋତ୍ସାହନ ଚଳାଇଛୁ, ଏହା ସବୁ ନିରାଧାର ଓ ନିରୀହ ଲୋକମାନଙ୍କର ଜୀବନ ନେବାର କାରଣ ।

ଆଉଜଣେ ଜାପାନୀ ମହିଳା Hara ସାହିବା ବର୍ଣ୍ଣନା କଲେ:- ଆଜିଠାରୁ ପୂର୍ବରୁ ଇସ୍‌ଲାମ୍ ସମ୍ବନ୍ଧରେ ମୋର ଏ ଧାରଣା ଥିଲା କି ଇସ୍‌ଲାମ୍ ହେଉଛି ଅତ୍ୟନ୍ତ ବିପଦପୂର୍ଣ୍ଣ ଧର୍ମ । କିନ୍ତୁ ଆଜି ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣକୁ ଶୁଣି ମୋତେ ଏ ଅନୁଭବ ହେଲା କି ବାସ୍ତବିକ ଇସ୍‌ଲାମ୍ ହେଉଛି ସମସ୍ତ ଧର୍ମଠାରୁ ଅଧିକ ଶାନ୍ତିପ୍ରିୟ ଧର୍ମ ଓ ଏକଥା ମୋ ପାଇଁ ବହୁତ ଆଶ୍ଚର୍ଯ୍ୟପୂର୍ଣ୍ଣ ଥିଲା । ଖଲିଫତୁଲ୍ ମସିହ୍ ଜାପାନ୍ ଉପରେ ହୋଇଥିବା ପରମାଣୁ ଆକ୍ରମଣର ୭୦ତମ Anniversary ର ଚର୍ଚ୍ଚା କଲେ । ଏଥିରୁ ଜଣାପଡୁଛି କି ଖଲିଫତୁଲ୍ ମସିହ୍‌ଙ୍କର ବର୍ତମାନ ଦୁନିଆର ପରିସ୍ଥିତି ବିଷୟରେ ବହୁତ ଜ୍ଞାନ ଅଛି । ଖଲିଫାଙ୍କର ଲୋକମାନଙ୍କ ପାଇଁ ଥିବା ସହାନୁଭୂତି ଓ ଭଲପାଇବା ପ୍ରଶଂସନୀୟ ।

ଆଉଜଣେ ଜାପାନୀ ବନ୍ଧୁ Takeshi Koki ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଆଜି ଖଲିଫତୁଲ୍ ମସିହ୍‌ଙ୍କ ଭାଷଣରୁ ଏକଥା ପ୍ରମାଣ ହୋଇଗଲାକି ଇସ୍‌ଲାମେ ଅହେମଦୀୟତ୍ ବହୁତ ଜବରଦସ୍ତ ଓ ଶାନ୍ତିପ୍ରିୟ ଧର୍ମ ଅଟେ । ଅଧିକାଂଶ ଜାପାନୀ

ଲୋକେ ଏକଥା ଭାବିଥାନ୍ତି କି ଇସ୍‌ଲାମ୍ ହେଉଛି ଗୋଟିଏ ଖରାପ ଧର୍ମ ବୋଲି । କିନ୍ତୁ ମୁଁ ସାକ୍ଷୀ ଦେଉଅଛି କି ଆପଣଙ୍କ ଖଲିଫା ହେଉଛନ୍ତି କେବଳ ଶାନ୍ତି । ଖଲିଫାଙ୍କ କହିବାର ଥିଲା କି ଆଜିଠାରୁ ୭୦ବର୍ଷ ପୂର୍ବେ ଯେଉଁ ଭୁଲ୍ ହୋଇଥିଲା ସେଗୁଡିକୁ ଦୋହରାଇବା ଉଚିତ୍ ନୁହେଁ । ଖଲିଫତୁଲ୍ ମସିହ୍ ଯାହା କିଛି ମଧ କହିଲେ ତାହା ସତ୍ୟ ଓ ବାସ୍ତବିକତା ଉପରେ ଆଧାରିତ ଥିଲା ।

ଆଉଜଣେ ଜାପାନୀ ବନ୍ଧୁ Mr. Koji ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ଆଜି ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଶୁଣିବା ପରେ ମୁଁ ଏହା ଜାଣିବାକୁ ପାଇଲି କି ISIS ଏବଂ ପ୍ରକୃତ ମୁସଲମାନ୍ ମାନଙ୍କ ମଧ୍ୟରେ କଣ ଫରକ ରହିଛି । ମୋ ମନଭିତରେ ଯାହା ମଧ ଆଶଙ୍କା ବା ଶଙ୍କା ଥିଲା ତାହା ସବୁ ଦୂର ହୋଇଗଲା । ଖଲିଫତୁଲ୍ ମସିହ୍ ବିଲ୍‌କୁଲ୍ ଠିକ୍ ସତ୍ୟ କହିଛନ୍ତି କି ଆମେ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ମୁହାଁଉଛେ ଓ ଖଲିଫା ଆମକୁ ଆମ ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ଧ୍ୟାନ ଆକର୍ଷଣ କରାଇଲେ କି ଆମକୁ ଏହି ଯୁଦ୍ଧକୁ ରୋକିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବା ଉଚିତ୍ ।

ଆଉଜଣେ ଜାପାନୀ ମହିଳା Miss Matsuki ସାହିବା କହିଲେ ଖଲିଫତୁଲ୍ ମସିହ୍‌ଙ୍କ ଭାଷଣ ବହୁତ ଶାନଦାର୍ ଥିଲା । ଅନେକ ଲୋକେ ଇସ୍‌ଲାମ୍‌କୁ ଖରାପ ସହିତ ଯୋଡି ଦେଉଛନ୍ତି । କିନ୍ତୁ ଆଜି ମୁଁ ଏଠାରେ ଜାଣିବାକୁ ପାଇଲି ଇସ୍‌ଲାମ୍ ତ ସମ୍ପୂର୍ଣ୍ଣ ରୂପେ ଏହାର ବିପରୀତ । ଇସ୍‌ଲାମ୍ ତ ଏପରି ଏକ ଧର୍ମ ଅଟେ ଯିଏ ଶାନ୍ତିକୁ ପ୍ରୋତ୍ସାହନ ଦେଉଛି । ମୋ ବୟସ ଏତେ ଅଧିକ ନାହିଁ । ତେଣୁ ମୁଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ବନ୍ଧରେ ଅଧିକ କିଛି ଜାଣିନାହିଁ । କିନ୍ତୁ ଖଲିଫତୁଲ୍ ମସିହ୍‌ଙ୍କର ଆମ ଜାତି ନିମନ୍ତେ ଥିବା ଏତେମାତ୍ରାରେ ସହାନୁଭୂତି ଓ ଭଲପାଇବା ର ପ୍ରକାଶକୁ ମୁଁ ପ୍ରଶଂସା କରୁଛି ।

ଆଉଜଣେ ଜାପାନୀ ବନ୍ଧୁ Mr. Miura ସାହେବ୍ ନିଜର ମନୋଭାବ ବ୍ୟକ୍ତ କରି କହିଲେ- ଆଜି ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣରେ ଆମ ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଥିଲା ଓ ସେହି ବାର୍ତ୍ତାଟି ହେଉଛି ଏ ଯୁଗରେ ଯେଉଁ ସବୁ ଅସ୍ତ୍ରଶସ୍ତ୍ର ଓ ବୋମା ଇତ୍ୟାଦି ଅଛି ତାହା ବିଗତ ଦିନର ଅସ୍ତ୍ରଶସ୍ତ୍ର ଅପେକ୍ଷା ବହୁ ମାତ୍ରାରେ ବିପଦପୂର୍ଣ୍ଣ ଓ ବିଧ୍ୱଂସକାରୀ ଅଟେ । ଖଲିଫତୁଲ୍ ମସିହ୍‌ଙ୍କ କହିବାର ଥିଲା କି ବର୍ତ୍ତମାନ ସମୟରେ ଜଣେ ଅନ୍ୟକୁ ଉସ୍‌କାଇବାର ନାହିଁ ବରଂ ଜଣେ ଅନ୍ୟଜଣକ ପାଇଁ ପ୍ରେମ ଓ ଭଲପାଇବାର ଅଛି ଓ ବର୍ତ୍ତମାନ ସମୟରେ ଏକତା ସୃଷ୍ଟି କରିବାର ଆବଶ୍ୟକ ରହିଛି । ଖଲିଫା ବିଶେଷ ରୂପେ ଆମ ଜାପାନୀ ମାନଙ୍କୁ ଆମର ଦାୟିତ୍ୱ ନିର୍ବାହ ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି କାରଣ ଆମେ ଏହା ଅଙ୍ଗେ ନିଭାଇଛୁ କି ଯୁଦ୍ଧର ବିଧ୍ୱଂସକାରୀ କଣ ହୋଇପାରେ । ଖଲିଫା କହିଲେ କି ଜାପାନୀ ଜାତି ମାନଙ୍କ ପାଇଁ ଏହା ଉଚିତ୍ ହେବ କି ସେମାନେ ନିଜ ଇତିହାସକୁ ନିଜ ସମ୍ମୁଖରେ ରଖି ପ୍ରତ୍ୟେକ ପ୍ରକାରର ବିଭ୍ରାଟର ରୋକ୍‌ଥାମ୍ ନିମନ୍ତେ ସର୍ବାଗ୍ରେ ଛିଡ଼ା ହୁଅନ୍ତୁ ।

ଆଉଜଣେ ବନ୍ଧୁ Yoshida ସାହେବ୍ ନିଜର ଭାବନାକୁ ପ୍ରକାଶ କରି କହିଲେ ପୂର୍ବେ ମୋତେ ଏକଥା ମୋତେ ବିଶ୍ୱାସ ଆସୁ ନଥିଲା କିନ୍ତୁ ଆଜି ମୁଁ ଜାଣିବାକୁ ପାଇଲି କି ଇସ୍‌ଲାମ୍ ଆନ୍ତର୍ଜାତୀୟ ସ୍ତରରେ ଧର୍ମୀୟ ସ୍ୱାଧିନତକୁ ଚାହୁଁଛି । ଭୂମିକମ୍ପ ସମୟରେ ଅହେମଦୀମାନେ ଆମର ଯେଉଁ ପ୍ରକାରର ସାହାଯ୍ୟ କରିଥିଲେ, ଏବେ ମୁଁ ଜାଣିବାକୁ ପାଉଛି ଯେ ସେମାନେ ଏପରି କାହିଁକି କଲେ । ଏହା ଇସ୍‌ଲାମୀୟ ଶିକ୍ଷା ଓ ଖଲିଫାଙ୍କ ମାର୍ଗଦର୍ଶନ ଦ୍ୱାରା ସେମାନେ କରିଥିଲେ । ଆପଣମାନେ କଠିନ ପରିସ୍ଥିତିରେ ଆମକୁ ଯେଉଁ ସାହାଯ୍ୟ କରିଥିଲେ ତା ପ୍ରତିବଦଳରେ ଆଜି ମୁଁ ସମସ୍ତ ଅସୁବିଧା ସମୟରେ, ଅହେମଦୀମାନଙ୍କୁ ଯେଉଁଠି ଆବଶ୍ୟକ ପଡ଼ିବ ସାହାଯ୍ୟ କରିବି ।

ଖଲିଫା ଏ କଥାକୁ ମଧ ପ୍ରକାଶ କଲେ କି ଆମେ ଯୁଦ୍ଧ ଆଡକୁ ଗତି କରୁଛେ । ଯେବେ କି ଜାପାନ୍‌ରେ କୌଣସି ପ୍ରକାର ଅନ୍ତଃ ଯୁଦ୍ଧ ନାହିଁ । କିନ୍ତୁ ଆପଣ ଆମକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ କି ବାହ୍ୟ ଯୁଦ୍ଧ ଆମକୁ ପ୍ରଭାବିତ କରିବ ।

ଲୋକମାନେ ଆମକୁ ଉଚ୍ଚ ସଂସ୍କୃତି ସମ୍ପନ୍ନ ରୂପେ ଜାଣନ୍ତୁ ନା କାହିଁକି କିନ୍ତୁ ମୁଁ ନିଜେ ଏକଥା ଜାଣୁଛି ଯେ ଜାପାନ୍ ଚାରିତ୍ରିକ ସ୍ଖଳନର ଶିକାର ହୋଇସାରିଲାଣି । ଖଲିଫା ଯେଉଁ ସବୁ ଶାନ୍ତିପ୍ରିୟ ଶିକ୍ଷାକୁ ଆପଣେଇବା ପାଇଁ ପ୍ରଚାର କରୁଛନ୍ତି ସେ ସବୁକୁ ଆମକୁ ଆପଣେଇବାକୁ ପଡ଼ିବ ।

ଆଉଜଣେ ଜାପାନୀ ବନ୍ଧୁ Mr. Itesen ସାହେବ୍ ନିଜର ମନୋଭାବକୁ ପ୍ରକାଶ କରି କହିଲେ ମୁଁ ମୋର ଭାବନାକୁ ପ୍ରକାଶ କରିବା ପୂର୍ବରୁ ଏହା କହିବାକୁ ଚାହିଁବି କି ଏଭଳି ବିଖ୍ୟାତ ଓ ସମ୍ମାନୀୟ ଅସ୍ତିତ୍ୱ ଏଦେ ଦୂରରୁ ଯାତ୍ରା କରି ଆମ ନିକଟକୁ ଆସିବା ଯୋଗୁ ମୁଁ ବହୁତ କୃତଜ୍ଞ । ଏହା ଆମ ପାଇଁ ବହୁତ ଗର୍ବର ବିଷୟ କି ଖଲିଫା ଜାପାନ୍‌ରେ ଅଛନ୍ତି ।

ଆପଣ ଜାପାନୀ ଲୋକଙ୍କୁ ଶାନ୍ତିର ଶିକ୍ଷା ଓ ଇସ୍‌ଲାମ୍‌ର ସତ୍ୟତା ପ୍ରତି ନିମନ୍ତ୍ରଣ ଦେବାପାଇଁ ଆସିଛନ୍ତି । ସାଧାରଣତଃ ଆମକୁ ମୁସଲମାନ୍ ସହିତ ମିଶିବାର ଏତେ ଅବସର ମିଳିନାହିଁ । କିନ୍ତୁ ମୁଁ ଏକଥାରେ ବହୁତ ଗର୍ବିତ ଯେ ଆଜି ମୁଁ ଦୁନିଆର ସବୁଠାରୁ ମହାନ୍ ମୁସଲମାନ୍‌ଙ୍କ ସହିତ ସାକ୍ଷାତ୍ କରିଛି । ଆମେ କେତେ ସୌଭାଗ୍ୟଶାଳୀ ।

ଯେବେ ମୁଁ ଖଲିଫାଙ୍କୁ ଦେଖୁଛି ତାଙ୍କ ନିକଟରେ ବୁଦ୍ଧିମତା, ସତ୍ୟ ଓ ନିଷ୍ଠା ବ୍ୟତୀତ ମୋତେ ଆଉକିଛି ଦୃଷ୍ଟିଗୋଚର ହେଉନାହିଁ । ଆପଣଙ୍କୁ ଏହା ବତାଇବାର ଆବଶ୍ୟକ ନାହିଁ କି ଆପଣ ସତ କହୁଛନ୍ତି ବୋଲି । ବରଂ ଆପଣଙ୍କ ଅସ୍ତିତ୍ୱରୁ ହିଁ ସତ୍ୟତା ବାରି ହୋଇ ପଡୁଛି । ଆପଣଜଣେ ମହାନ୍ ବ୍ୟକ୍ତି ଅଟନ୍ତି । ଆମେ ଜାଣିନାହିଁ କି ଯୁଦ୍ଧ କେବେ ହେବ । ମୁଁ ଏହା ଜାଣୁଥିଲି କି ଯୁଦ୍ଧ ନିଶ୍ଚିତ ରୂପେ ହେବ । କିନ୍ତୁ ଏବେ ମୋର ଏ ଭାବନା ଆସିଗଲା କି ଆମେ ଏହି ଯୁଦ୍ଧକୁ ରୋକି ପାରିବା । କିନ୍ତୁ ସେଥି ନିମନ୍ତେ ଆମକୁ ଖଲିଫାଙ୍କ କଥା ଉପରେ ପରିଚାଳିତ ହେବାକୁ ପଡ଼ିବ ।

ମୋତେ ଏକଥା କହିବା ପାଇଁ ତିଳେମାତ୍ର ମଧ ସଙ୍କୋଚ ଅନୁଭବ ହେଉନାହିଁ କି ଇସ୍‌ଲାମ୍‌ର ସଚ୍ଚା ଶିକ୍ଷାକୁ ଯେଉଁଭଳି ଖଲିଫା ଉପସ୍ଥାପନ କରୁଛନ୍ତି ଏହା ଆମ ଦେଶ ପାଇଁ ବହୁତ ଉତ୍ତମ ।

ଆଉଜଣେ ଜର୍ନାଲିଷ୍ଟ Takayanu Kazuo ସାହେବ୍ ମଧ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବର ପ୍ରକାଶ ଏପରି କରିଛନ୍ତି କି ଖଲିଫାଙ୍କ ବାର୍ତ୍ତା ହେଉଛି ବାସ୍ତବରେ ଶାନ୍ତିର ବାର୍ତ୍ତା । ଆପଣ ଶାନ୍ତି ପ୍ରତିଷ୍ଠ କରିବା ଓ ଯୁଦ୍ଧ ରୋକିବା ପାଇଁ ଜାପାନ୍‌କୁ ନିଜର ଅବଦାନ ପ୍ରଦାନ କରିବା ନିମନ୍ତେ ଧ୍ୟାନ ଆକର୍ଷଣ କରାଇଛନ୍ତି । ଆପଣ ବିଲ୍‌କୁଲ୍ ଠିକ୍ କହୁଛନ୍ତି ଓ ଏହା ହେଉଛି ଏ ସମୟର ଆବଶ୍ୟକତା । ମୁଁ ଏକଥାକୁ ବହୁତ ସମ୍ମାନ ଦେଉଛି କି ଆପଣ ଆମର ଦୁଃଖକୁ ଅନୁଭବ କରୁଛନ୍ତି, ଯେଉଁ ଦୁଃଖକୁ ଆମେ ଆଣବିକ ଆକ୍ରମଣ ଯୋଗୁ ଭୋଗିଛୁ । ଆପଣ ଆମର ସେହି ଦୁଃଖ ଓ କଷ୍ଟ ସମୟରେ ଆମ ସହିତ ଅଛନ୍ତି ।

**ଖଗୋଳ ଶାସ୍ତ୍ରରେ ପି.ଏଚ୍.ଡି କରୁଥିବା ଜଣେ ଛାତ୍ରଙ୍କର ହଜୁର୍ ଅନୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ ଏବଂ ତାଙ୍କ ପ୍ରଶ୍ନର ଉତର**

ନାଗୋୟାର ଟୋକିଓରେ ଗୋଟିଏ ପ୍ରସିଦ୍ଧ ୟୁନିଭରସିଟି (Rikyo University)ର ଜଣେ ଛାତ୍ର Kohji Yajima ସାହେବ୍ ହଜୁର୍ ଅନୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ ।

ସେ ଖଗୋଳ ଶାସ୍ତ୍ରରେ ପି.ଏଚ୍.ଡି କରୁଛନ୍ତି । ଜମାତ୍ ସହିତ ତାଙ୍କର ପରିଚୟ ଉତର ପୂର୍ବ ଜାପାନ୍‌ରେ ଆସିଥିବା ଭୂମିକମ୍ପ ଓ ସୁନାମୀ ପରେ ହ୍ୟୁମାନିଟି ଫାଷ୍ଟ ତରଫରୁ ଲଗାଯାଇଥିବା ସାହାଯ୍ୟ ଓ ସହଯୋଗର କ୍ୟାମ୍ପ୍‌ରେ ହୋଇଥିଲା । ତା ପରେ ସେ ପାଖାପାଖି ୬ ମାସ ସେହି କ୍ୟାମ୍ପ୍‌ରେ କାମ କରିଥିଲେ । ତା ପରେ ସେ ନିୟମିତ ଯୋଗାଯୋଗରେ ଅଛନ୍ତି ଓ ଜମାତ୍ ସହିତ ବହୁତ ଉତମ ସମ୍ପର୍କ ରଖିଛନ୍ତି ।

ହଜୁର୍ ଅନୱର୍ ଅ:ବ:ଅ ତାଙ୍କୁ ପଚାରିଲେ କି ଆପଣ କେଉଁ ବିଷୟରେ ଗବେଷଣା କରୁଛନ୍ତି ?

ଏଥିରେ ସେ ବତାଇଲେ କି ମୁଁ ଏହା ଜାଣିବାକୁ ଚାହୁଁଛି କି ଏହି ବ୍ରହ୍ମାଣ୍ଡର ଆରମ୍ଭ କେବେ ଓ କିପରି ହୋଇଛି ? ଏ ସମ୍ବନ୍ଧରେ ମୁଁ ଗବେଷଣା କରୁଅଛି ।

ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ କି ଆପଣ Big Bang ସମ୍ବନ୍ଧରେ ଗବେଷଣା କରୁଛନ୍ତି । ତେବେ ଆପଣଙ୍କୁ ଏକଥା ଶୁଣି ବହୁତ ଆଶ୍ଚର୍ଯ୍ୟ ଲାଗିବ କି ପବିତ୍ର କୋରାନ୍ ଏ ସମ୍ବନ୍ଧରେ ବହୁତ ପୂର୍ବରୁ ବର୍ଣ୍ଣନା କରିସାରିଛି । ହଜୁର୍ ଅନୱ ପବିତ୍ର କୋରାନ୍‌ରୁ ଆୟତ ହଦ୍ଧାଲଶ ବାହାର କରି କହିଲେ ସୁରତୁଲ୍ ଅମ୍ବିୟାର ଆୟତ ନଂ-୩୧ରେ ଅଲ୍ଲାହତାଲା କହୁଛନ୍ତି କି ଏ ବିଶ୍ୱବ୍ରହ୍ମାଣ୍ଡ, ପୃଥିବୀ ଓ ଆକାଶ ଗୋଟିଏ ନିବୁଜ ବସ୍ତୁ ଥିଲା । ‘‘ଫତକ୍‌ନାହୁମା’’ ତେଣୁ ଆମେ ତାକୁ ଫାଳ କରି ଖୋଲିଦେଲୁ ଓ ସେଥିରୁ ଏ ବ୍ରହ୍ମାଣ୍ଡ ସୃଷ୍ଟି ହେଲା ଓ ଏ କଥା ମଧ ପବିତ୍ର କୋରାନ୍‌ରୁ ପ୍ରମାଣିତ କି ଏ ବିଶ୍ୱବ୍ରହ୍ମାଣ୍ଡ ଅନବରତ ବଢ଼ିଚାଲିଛି । ବରଂ ପବିତ୍ର କୋରାନ୍ ଏହା ମଧ ବତାଉଛି କି ଆମର ଏହି ବ୍ରହ୍ମାଣ୍ଡ ପରି ଆହୁରି ଅନେକ ବ୍ରହ୍ମାଣ୍ଡ ରହିଛି ଯାହାକୁ ଧିରେ ଧିରେ ବିଜ୍ଞାନ ଉନ୍ମୋଚନ କରିନେବ । ଏବଂ ଏକଥା ପବିତ୍ର କୋରାନ୍ ସେ ସମୟରେ ବର୍ଣ୍ଣନା କରିସାରିଛି ଯେବେ ଏ ଦୁନିଆ ସମ୍ପୂର୍ଣ୍ଣ ରୂପେ ଏ ବିଷୟରେ ଅବଗତ ନଥିଲା ଓ ଏବେ କେବଳ କିଛି ବର୍ଷ ପୂର୍ବରୁ ହିଁ ସାଇନ୍‌ସ୍ ଏକଥା ଗୁଡିକୁ ଖୋଜି ପାଇବାରେ ସଫଳ ହୋଇଛି ।

ହଜୁର୍ ଅନୱର୍ ଅ:ବ:ଅ କହିଲେ ଯେ ପବିତ୍ର କୋରାନ୍ ସଠିକ୍ କଥା ବତାଉଛି । ଓ ଅନେକ ବୈଜ୍ଞାନିକ ଏପରି ଥିଲେ ଯେଉଁମାନେ ପବିତ୍ର କୋରାନ୍‌ର କଥାକୁ ଆଧାର କରି ଗବେଷଣା କରିଛନ୍ତି ଓ ପବିତ୍ର କୋରାନ୍ ସେମାନଙ୍କୁ ସଠିକ୍ ଲକ୍ଷ୍ୟରେ ପହଂଚିବାପାଇଁ ମାର୍ଗଦର୍ଶନ କରିଛି । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଡାଃ ଅବ୍‌ଦୁସ୍ ସଲାମ ଯିଏ କୋରାନ୍‌ର ଦାବିକୁ ଆଧାର କରି ଗବେଷଣା କଲେ । ପୁଣି ସେଥିରେ ସଫଳତା ଲାଭ କରିବା ଯୋଗୁଁ ତାଙ୍କୁ ନୋବେଲ୍ ପ୍ରାଇଜ୍ ମଧ ମିଳିଲା । ସେ କହୁଥିଲେ କି ପବିତ୍ର କୋରାନ୍‌ରେ ୭୦୦ରୁ ଅଧିକା ଆୟାତ୍ ଏପରି ଅଛି ଯାହା ବିଜ୍ଞାନ ସମ୍ବନ୍ଧୀୟ ଏବଂ ସେ ପବିତ୍ର କୋରାନ୍‌ର ସେହି ଦାବି ଉପରେ ଗବେଷଣା କରିଛନ୍ତି କି ପ୍ରତ୍ୟେକ ବସ୍ତୁ ହଳହଳକିଆ ସୃଷ୍ଟି ହୋଇଛନ୍ତି । ତେଣୁ ଆଟମ୍‌ର ମଧ ହଳ ଥିବ, ଓ ସେ ଏହାକୁ ପ୍ରମାଣ ମଧ କରିଛନ୍ତି ।

Kohji ସାହେବ୍ ପ୍ରଶ୍ନ କଲେ କି ଯଦି ମୁଁ ପବିତ୍ର କୋରାନ୍ ଉପରେ ବିଶ୍ୱାସ ନଆଣି ପବିତ୍ର କୋରାନ୍‌କୁ ଆଧାର କିର ଗବେଷଣା କରି କିଛି ପ୍ରମାଣିତ କରିବି ତେବେ କଣ ଏହା ଭୁଲ୍ ହେବ ?

ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ- ଠିକ୍ ଅଛି । ଆପଣ ତା ବିନା ମଧ ଗବେଷଣାର ନୁତନ ମାର୍ଗ ଖୋଜିପାରିବେ । ଆମର ପ୍ରିୟ ଆକା ଓ ମୌଲା ମୁହମ୍ମଦ୍ ସ:ଆ:ସଙ୍କ ତରଫରୁ ଆମକୁ ଏ ଶିକ୍ଷା ଦିଆଯାଇଛି ଯେ ପ୍ରତ୍ୟେକ ଜ୍ଞାନ ସମ୍ବନ୍ଧୀୟ କଥା, ବୁଦ୍ଧିମତାର କଥା ହେଉଛି ଜଣେ ମୋମିନ୍‌ଠାରୁ ହଜି ଯାଇଥିବା ଜିନିଷ । ସେ ଯେଉଁଠି ତାକୁ ପାଇବ, ନେଇନେବା ଉଚିତ୍ । ତେଣୁ ଯାହା କିଛି ଆପଣ ଗବେଷଣା କରି ପ୍ରମାଣିତ କରିବେ ଆମେ ତାକୁ ଗ୍ରହଣ କରିବୁ । ବିଶେଷ ରୂପେ ଯଦି ଆପଣ ଏପରି କଥା ପ୍ରମାଣ କରିବେ ଯାହା ପୂର୍ବରୁ ପବିତ୍ର କୋରାନ୍‌ରେ ଥିବ ତେବେ ଏହାଦ୍ୱାରା ଆମ ଇମାନ୍ (ବିଶ୍ୱାସ) ଆହୁରି ବର୍ଦ୍ଧିଯିବ ଓ ପବିତ୍ର କୋରାନ୍‌ର ବୈଶିଷ୍ଟ୍ୟ ପୂର୍ବଠାରୁ ବଳି ଆମ ଉପରେ ସ୍ପଷ୍ଟ ହେବ । ତେଣୁ ଯେଉଁପରି ଜ୍ଞାନର କଥା ବୁଦ୍ଧିମତାର କଥା ଯେଉଁଠି ଆମକୁ ମିଳୁଛି ଆମେ ତାକୁ ଗ୍ରହଣ କରିନେଉଛୁ । ତେବେ ଆମେ ଆପଣଙ୍କ ଠାରୁ ମଧ ଏହା ଆଶା କରୁଛୁ କି ଆପଣ ମଧ ସେହିପରି କରନ୍ତୁ ଓ ପବିତ୍ର କୋରାନ୍‌କୁ କେବଳ ଗୋଟିଏ ଧର୍ମୀୟ ଗ୍ରନ୍ଥ ଭାବି ଛାଡ଼ି ନଦିଅନ୍ତୁ ବରଂ ତା ଭିତରେ ଯେଉଁ ବୈଜ୍ଞାନିକ ସତ୍ୟତା ନିହିତ ରହିଛି ସେଗୁଡ଼ିକୁ ଗ୍ରହଣ କରନ୍ତୁ ଓ ତା ଉପରେ ଚିନ୍ତନ ଓ ମନ୍ଥନ କରନ୍ତୁ ।

ଏହାପରେ Kohji ସାହେବ୍ ଏ ପ୍ରଶ୍ନ କଲେ କି ଆପଣଙ୍କର ଅନ୍ୟଧର୍ମ ଗୁଡିକ

ସମ୍ବନ୍ଧରେ କଣ ଭାବନା ରହିଛି । କଣ ତାହା ମଧ୍ୟ ସତ୍ୟ ବା ମିଥ୍ୟା ଅଟେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମର ଏ ବିଶ୍ୱାସ ରହିଛି କି ଯେପରି ପବିତ୍ର କୋରାନ୍ ବର୍ଣ୍ଣନା କରୁଛି ଯେ ପ୍ରତ୍ୟେକ ଜାତିରେ ଈଶ୍ୱର ନବୀ ପ୍ରେରଣ କରିଛନ୍ତି ଏବଂ ପ୍ରତ୍ୟେକ ନବୀ ନିଜ ଜାତିକୁ ଈଶ୍ୱରଙ୍କ ଆଡକୁ ଡାକିଛି ଓ ସେମାନଙ୍କ ମାର୍ଗଦର୍ଶନ କରାଇଛି । ସେହି ଦୃଷ୍ଟିକୋଣରୁ ଆମେ ମୁସା ଆ:ସ, ଇସା ଆ:ସ, କ୍ରୀଷ୍ଣ ଆ:ସ, ବୁଦ୍ଧ ଆ:ସ ଏ ସମସ୍ତଙ୍କୁ ଈଶ୍ୱରଙ୍କର ନବୀ ବୋଲି ମାନୁଛୁ ଓ ଆମେ ଏହା ମଧ୍ୟ ମାନୁଛୁ କି ପ୍ରତ୍ୟେକ ନବୀ ଏକ ପ୍ରକାରର ଶିକ୍ଷା ନେଇଛନ୍ତି । କିନ୍ତୁ ତାଙ୍କ ଦେହାନ୍ତ ପରେ ବହୁତ ଗୁଡିଏ କଥାକୁ, ତାଙ୍କପରେ ଆସିଥିବା ଲୋକମାନେ ତାଙ୍କ ଶିକ୍ଷା ଭିତରେ ସାମିଲ୍ କରିଦେଇଛନ୍ତି । ଏବେ ସେହି ଧର୍ମକୁ ମାନୁଥିବା ଲୋକମାନଙ୍କର ଦାୟିତ୍ୱ ଏହା କି ସେମାନେ ଧର୍ମର ଅସଲ ଶିକ୍ଷାକୁ ଖୋଜନ୍ତୁ ଓ ତା ଉପରେ ପରିଚାଳିତ ହୁଅନ୍ତୁ । କୌଣସି ଧର୍ମ ବି ମିଥ୍ୟା ନଥିଲା କିନ୍ତୁ ଯେଉଁ ସବୁ କଥାଗୁଡିକ ପରେ ସେହି ଧର୍ମ ଭିତରେ ଦାଖିଲ ହୋଇଗଲା ସେ ସବୁ ସେହି ଧର୍ମର ଅସଲ ସ୍ୱରୂପକୁ ଖରାପ କରିଦେଲା । ସେହି ଅସଲ ଚେହେରାକୁ ଖୋଜିବା ପାଇଁ ଆବଶ୍ୟକ ରହିଛି ।

ସେ ପୁଣି ପଚାରିଲେ କି କଣ ଏହି ସବୁ ମତଭେଦ ହେବା ସତ୍ୱେ ବିଭିନ୍ନ ଧର୍ମ ମଧ୍ୟରେ ଶାନ୍ତି ସ୍ଥାପନ କରିବାର ମାର୍ଗ ଅଛି ବା ନାହିଁ ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ବିଲକୁଲ୍ ଅଛି ଓ ଏହି ମାର୍ଗ ଅର୍ଥାତ୍ ଯେଁ ସିଦ୍ଧାନ୍ତ ପବିତ୍ର କୋରାନ୍ ବର୍ଣ୍ଣନା କରିଛି ତାହା ହେଉଛି ସର୍ବୋତମ ସିଦ୍ଧାନ୍ତ ଓ ତାହା ହେଉଛି ଏପରିକି ସମସ୍ତ ଧର୍ମର ଲୋକେ କୌଣସି ଗୋଟିଏ କଥାକୁ ନେଇ ଏକତ୍ରିତ ହୁଅନ୍ତୁ ଯାହା ସମସ୍ତଙ୍କ ମଧ୍ୟରେ ଏକଥିବ ଏବଂ ତାହା ହେଉଛି ଆମେ ସମସ୍ତେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିଛେ । ତେବେ ଯଦି ସମସ୍ତ ଧର୍ମର ଲୋକେ କେବଳ ଏହି କଥା ଉପରେ ହିଁ ଏକାଠି ହୋଇ ଚର୍ଚ୍ଚା କରିବେ ଅର୍ଥାତ୍ ଆମେ ସମସ୍ତେ ଗୋଟିଏ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା, ତେବେ ଏହିକଥା ଧର୍ମ ଧର୍ମ ଭିତରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଗୋଟିଏ ଉତମ ଆଧାର ଯୋଗାଇଦେବ ।

ପୁଣି ଜଣେ ଅନ୍ୟଧର୍ମର ଧର୍ମଗୁରୁଙ୍କୁ ସମ୍ମାନ ଦେବେ ଓ ତାଙ୍କ ବିଷୟରେ କୌଣସି ଆଶାଳୀନ ଭାଷା କହିବେ ନାହିଁ । ଏହା ପ୍ରତ୍ୟେକ ଧର୍ମ ଭିତରେ ଶାନ୍ତିସ୍ଥାପନ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ । ଏ ସମ୍ବନ୍ଧରେ ଇସଲାମ୍ ଏକ ପୂର୍ଣ୍ଣ ଓ ଦୃଢ଼ ଶିକ୍ଷା ଦେଇଛି କି କୌଣସି ଧର୍ମର ଧର୍ମଗୁରୁଙ୍କ ସମ୍ବନ୍ଧରେ କୌଣସି ପ୍ରକାରର ଅପମାନ ବା ତିରସ୍କାର କରିବାର ଅନୁମତି ନାହିଁ ବରଂ ଇସଲାମ୍ କହୁଛି କି ସେ ସମସ୍ତଙ୍କର ସମ୍ମାନ କରିବା ଓ ତାଙ୍କ ଉପରେ ବିଶ୍ୱାସ ଆଣିବା କି ସେମାନେ ଈଶ୍ୱରଙ୍କର ପୁଣ୍ୟବନ୍ତ ଓ ତାର ପ୍ରିୟତମ ବ୍ୟକ୍ତିବିଶେଷ ଥିଲେ । ମୁସଲମାନ୍ ହେବାପାଇଁ ଏହା ଜରୁରୀ ଅଟେ ।

ପୁଣି ହଜରତ୍ ରସୁଲେ କରିମ୍ ସ:ଆ:ସ ଏହା ମଧ୍ୟ କହିଥିଲେ କି କାହାର ମିଥ୍ୟା ଈଶ୍ୱରଙ୍କୁ ମଧ୍ୟ ଖରାପ କଥା କୁହନାହିଁ । ଏଥିରେ ସେ ତା ପ୍ରତିବଦଳରେ ତୁମର ସତ୍ୟ ଈଶ୍ୱରଙ୍କୁ ଖରାପ କଥା କହିବେ । ତେବେ ଇସଲାମ୍ ତ ଶାନ୍ତି ନିମନ୍ତେ ଥିବା ସମସ୍ତ ମାର୍ଗକୁ ଆପଣେଇବା ପାଇଁ ଆମକୁ ପ୍ରୋତ୍ସାହିତ କରିଛି ଓ ଆମେ ତା ଉପରରେ ମଧ୍ୟ ପରିଚାଳିତ ହେଉଛୁ ।

Kohji ସାହେବ୍ ଶେଷ ପ୍ରଶ୍ନ ପଚାରିଲେ କଣ ଇସଲାମ୍ ଉପରେ ବିଶ୍ୱାସ ନଆଣି ମଧ୍ୟ ମୋକ୍ଷ ମିଳିପାରିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆମେ ଯେଉଁ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିଛୁ ସେ ଅତ୍ୟନ୍ତ ଦୟାଳୁ ଓ କୃପାଳୁ ଅଟନ୍ତି ଏବଂ ସେ ତା ପୁସ୍ତକରେ ସ୍ପଷ୍ଟ ରୂପେ ଏହା ନିର୍ଦ୍ଦେଶ ଦେଇଛି କି ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ମୋକ୍ଷର ମାର୍ଗ ଉନ୍ମୁକ୍ତ ରହିଛି । ସେ ଜଣେ ଇସାଇ ହୋଇଥାଉ, ବୌଦ୍ଧଧର୍ମାବଲମ୍ବୀ ହୋଇଥାଉ ବା କୌଣସି ଧର୍ମକୁ ମାନିବାବାଲା ହେଉ । କେବଳ ସର୍ତ ଏହା କି ସେ ପୁଣ୍ୟ କର୍ମ କରୁଥିବ ବରଂ ଆମ ଈଶ୍ୱର ତ ଏତେ ଦୟାଳୁ ଓ କୃପାଳୁ ଅଟନ୍ତି କି ହଦିସ୍‌ରେ ଗୋଟିଏ ଘଟଣା ବିଷୟରେ ବର୍ଣ୍ଣିତ ରହିଛି କି ଦୁଇଜଣ ଲୋକ ଆପୋଷରେ ବସି କଥାବାର୍ତା ହେଉଥିଲେ । ସେଥିରୁ ଜଣେ କହିଲା କି ମୁଁ କେବେ କୌଣସି ପୁଣ୍ୟକର୍ମ କରିନାହିଁ ଓ ସର୍ବଦା ଖରାପ କାମ କରିଛି । ଦ୍ୱିତୀୟ ଜଣକ କହିଲା ତେବେ ତ ତୁ ନର୍କରେ ପଡିବୁ । ମୁଁ ବହୁତ ପୁଣ୍ୟ କର୍ମ କରିଛି । ନମାଜ ପଢ଼ିଛି, ରୋଜା ରଖିଛି ଇତ୍ୟାଦି ଇତ୍ୟାଦି । ସେଥିପାଇଁ ମୁଁ ସ୍ୱର୍ଗକୁ ଯିବି । ସେହି ଦୁଇଜଣ ଯେତେବେଳେ ଈଶ୍ୱରଙ୍କ ନିକଟରେ ପେଶ୍ ହେଲେ ଈଶ୍ୱର ସେ ଲୋକକୁ, ଯିଏ କୌଣସି ପ୍ରକାରର ପୁଣ୍ୟକର୍ମ କରିନଥିଲା ସ୍ୱର୍ଗ ପଠାଇଦେଲେ ଏବଂ ଯିଏ କହୁଥିଲା କି ମୁଁ ବହୁତ ପୁଣ୍ୟକର୍ମ କରିଛି ତାକୁ କହିଲେ କି ତୁମର ସମସ୍ତ କାର୍ଯ୍ୟ ଲୋକ ଦେଖାଣିଆ, ସେଇଥିପାଇଁ ସେ ସବୁର ପୁଣ୍ୟ ଏ ଲୋକକୁ ଦେଇଦିଆଗଲା ଯାହାକୁ ତୁ ନର୍କଗାମୀ ବୋଲି କହୁଥିଲୁ । ଏବଂ ତାକୁ ନର୍କରେ ପକାଇ ଦିଆଗଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି କଥା ହେଉଛି ଈଶ୍ୱର, ଯିଏ ହେଉଛନ୍ତି ଦୟାଳୁ ଓ କୃପାଳୁ, ମୋକ୍ଷପ୍ରାପ୍ତିର ମାମଲା ତାଙ୍କୁ ହାତରେ ଅଛି । ସେ ଯାହାକୁ ଚାହିଁବେ କ୍ଷମା କରିବେ ଓ ଯାହାକୁ ଚାହିଁବେ ଦଣ୍ଡ ଦେବେ । ଆମକୁ କେବଳ ଏହା ନିର୍ଦ୍ଦେଶ ଦିଆଯାଇଛି କି ଆମେ ତା କଥାକୁ ମାନିବା ଓ ପୁଣ୍ୟ କର୍ମ କରିବା କି ଈଶ୍ୱର ଆମକୁ କ୍ଷମା ଦିଅନ୍ତୁ ।

**୨୪ ନଭେମ୍ବର୍ ୨୦୧୫ (ମଙ୍ଗଳବାର)**
**ଟୋକିଓ (ଜାପାନ)ରୁ ପ୍ରସ୍ଥାନ ଓ ଲଣ୍ଡନ୍ (ବ୍ରିଟେନ୍)ରେ ପଦାର୍ପଣ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୫:୩୦ରେ ଆସି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଫେରିଗଲେ ।

ଆଜି ଜାପାନ୍‌ରୁ ଲଣ୍ଡନ୍ ପ୍ରସ୍ଥାନ କରିବା ଦିନ ଥିଲା । ୭:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହୋଟେଲ୍‌ରୁ ବାହାରକୁ ବାହାରିଲେ ଓ ଇଜତିମାଇ ଦୁଆ କରାଇଲେ ଓ ଟୋକିଓର ଇଂଟର୍ ନ୍ୟାସ୍‌ନାଲ୍ ଏୟାରପୋର୍ଟ୍ Narita ନିମନ୍ତେ ବାହାରିଲେ ।

ଏୟାରପୋର୍ଟ୍‌ରେ ସକାଳୁ ହିଁ ଟୋକିଓ ଏବଂ ନାଗୋୟା ଯମାତ୍‌ର ସଦସ୍ୟମାନେ ଅର୍ଥାତ୍ ପୁରୁଷ ଓ ମହିଳା ଓ ପୁଅଝିଅ ସମସ୍ତେ ନିଜ ପ୍ରିୟ ଆକାଙ୍କୁ ବିଦାୟ ଦେବାପାଇଁ ଏକତ୍ରିତ ହୋଇଥିଲେ ।

ବ୍ରିଟିଶ୍ ଆମ୍ବାସି ତରଫରୁ ଗୋଟିଏ ବିଶେଷ ବ୍ୟବସ୍ଥା ଅନ୍ତର୍ଗତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଏୟାରପୋର୍ଟ୍‌ଠାରେ ଆଗମନ ପୂର୍ବରୁ ସାମାନ୍‌ର ବୁକିଂ ଓ ବୋର୍ଡିଂ କାର୍ଡ୍ ଇତ୍ୟାଦି ହାସଲ କରିବା ଓ ପାସ୍‌ପୋର୍ଟରେ ଏକ୍‌ଜିଟ୍ ଷ୍ଟାମ୍ପ୍ ଲଗାଇବାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇସାରିଥିଲା ।

୮:୫୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏୟାରପୋର୍ଟ୍‌ରେ ପଦାର୍ପଣ କଲେ । ପ୍ରୋଟୋକଲ ଅଫିସର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ରିସିଭ୍ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଦାୟ ଦେବାପାଇଁ ଆସିଥିବା ଜମାତ୍‌ର ପୁରୁଷ ସଦସ୍ୟମାନଙ୍କ ସହିତ ହାତ ମିଳାଇଲେ ଓ ମହିଳା ମାନଙ୍କୁ ଦର୍ଶନ ଦେଲେ ଏବଂ ହଜୁର୍ ଅନୁଓ୍ୱର୍ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମେ ଆଲେକୁମ୍ କହି ଏୟାରପୋର୍ଟ୍‌ର ଭିତର ଭାଗରେ ପ୍ରବେଶ କଲେ । ପ୍ରୋଟୋକୋଲ୍ ଅଫିସର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ନିଜ ସହିତ ଫାର୍ଷ୍ଟକ୍ଲାସ୍ ଲଞ୍ଜ୍‌କୁ ନେଇଗଲେ, ଯେଉଁଠି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର କିଛି ସମୟର ରହଣି ହେଲା ।

ଏଠାରୁ ୧୦:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜାହାଜରେ ଚଢ଼ିଲେ । ପ୍ରୋଟୋକଲ୍ ଅଫିସର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଜାହାଜର ଦ୍ୱାରଦେଶ ପର୍ଯ୍ୟନ୍ତ ଛାଡ଼ିବାକୁ ଆସିଲେ । British Airways BA006 ୧୧:୧୫ ରେ Narita Airport Tokio ରୁ ଲଣ୍ଡନ୍‌ର ହେଥ୍ରୋ ଏୟାରପୋର୍ଟ୍ ନିମନ୍ତେ ଯାତ୍ରା ଆରମ୍ଭ କଲା । ପାଖାପାଖି ୧୧ ଘଂଟା ୩୦ ମିନିଟ୍ ଉଡାଣ ଯାତ୍ରା ପରେ ଲଣ୍ଡନ୍‌ର ସ୍ଥାନୀୟ ସମୟ ମୁତାବକ ୨:୪୦ରେ ଜାହାଜଟି ଲଣ୍ଡନ୍‌ର ହେଥ୍ରୋ ଏୟାରପୋର୍ଟ୍ ଠାରେ ଜାହାଜଟି ଅବତରଣ କଲା । ଲଣ୍ଡନ୍‌ର ସମୟ ଜାପାନ୍ ସମୟ ମୁତାବକ ୯ ଘଂଟା ପଛୁଆ ।

ଜାହାଜର ଦ୍ୱାର ଦେଶରେ ଏୟାରପୋର୍ଟ୍‌ର ଜଣେ ପ୍ରୋଟୋକଲ୍ ଅଫିସର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ରିସିଭ୍ କଲେ ଓ ନିଜ ସହିତ ସ୍ପେସାଲ୍ ଲଞ୍ଜ୍‌କୁ ନେଇଗଲେ, ଯେଉଁଠି ମୋକରମ୍ ରଫିକ୍ ଅହେମଦ୍ ହୟାତ୍ ସାହେବ୍ ଅମୀର ଜମାତ୍ ୟୁ.କେ ଏବଂ ମୋକରମ୍ ମେଜର୍ ମେହେମୁଦ୍ ଅହେମଦ୍ ସାହେବ୍ ଅଫିସର୍ ବିଶେଷ ସୁରକ୍ଷାବଳ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ହଜୁର୍‌ଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପାଇଲେ ।

ଇମିଗ୍ରେସନ୍ ଅଫିସର୍ ସେହି ଲଞ୍ଜରେ ଆସି ପାସପୋର୍ଟ୍ ଦେଖିଲେ । ଏଠି ଏୟାରପୋର୍ଟ୍‌ରୁ ୩:୨୫ରେ ବାହାରି ପାଖାପାଖି ୪:୦୦ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ଠାରେ ପହଂଚିଲେ, ଯେଉଁଠି ଜମାତ୍‌ର ଲୋକମାନଙ୍କର ଏକ ବହୁତ ବଡ଼ ସଂଖ୍ୟା ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲା । ମସ୍‌ଜିଦ୍ ଫଜଲ୍‌ର ପ୍ରାଙ୍ଗଣକୁ ସୁନ୍ଦର ଓ ରଙ୍ଗବେରଙ୍ଗୀ ପତକା ଦ୍ୱାରା ସଜାଯାଇଥିଲା । ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଗୋଟିଏ ପଟେ ମହିଳା ଓ ଝିଅପିଲାମାନେ ଛିଡା ହୋଇଥିଲେ ଓ ଅନ୍ୟପଟେ ପୁରୁଷମାନେ ଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମେ ଆଲେକୁମ୍ କହିଲେ ଓ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସେହିପରି ଆଜି ଅଲ୍ଲାହତାଲାଙ୍କ ଫଜଲରୁ ହଜରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜାପାନ୍‌ର ଏହି ଐତିହାସିକ ଓ ଫଳପ୍ରଦ ଯାତ୍ରା ଅଲ୍ଲାହତାଲାଙ୍କ ଅସୀମ ଦୟା ଓ ବରକତ୍‌କୁ ନେଇ ମହାନ୍ ସଫଳତାର ସହିତ ଶେଷ ହେଲା । ଫଅଲ୍‌ହମ୍‌ଦୋଲିଲ୍ଲାଃ ଆଲାଜାଲିକା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଯେଉଁ ସୌଭାଗ୍ୟଶାଳୀ ଲୋକମାନଙ୍କୁ ଏହି ଗୁରୁତ୍ୱପୁର୍ଣ୍ଣ ଐତିହାସିକ ଯାତ୍ରାରେ ଯିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ସେମାନଙ୍କର ନାମ ରେକର୍ଡ ରଖିବା ନିମନ୍ତେ ନିମ୍ନରେ ଦିଆଯାଉଛି ।

(୧) ହଜରତ୍ ସୟଦା ଅମତୁସ୍ ସବୁହ୍ ସାହିବା ମଦଜିଲ୍ଲହା ଆଲି (ସହଧର୍ମିଣୀ ସୟଦନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ)

(୨) ମୋକରମ୍ ମୁନୀର ଅହେମଦ୍ ଜାଓ୍ୱେଦ୍ ସାହେବ୍ (ପ୍ରାଇଭେଟ୍ ସେକ୍ରେଟାରୀ)

(୩) ମୋକରମ୍ ମୋବାରକ୍ ଅହେମଦ୍ ଜଫର୍ ସାହେବ୍ (ଏଡିଶିନାଲ୍ ଓ୍ୱକିଲୁଲ୍ ମାଲ୍, ଲଣ୍ଡନ)

(୪) ମୋକରମ୍ ଆବିଦ୍ ଓ୍ୱହିଦ୍ ଖାନ୍ ସାହେବ୍ (ଇନ୍‌ଚାର୍ଯ୍ୟ ପ୍ରେସ୍ ଏଣ୍ଡ ମିଡିଆ ଅଫିସ୍ ଲଣ୍ଡନ୍)

(୫) ମୋକରମ୍ ସୟଦ୍ ମୁହମ୍ମଦ୍ ଅହେମଦ୍ ସାହେବ୍ (ନାଏବ୍ ଅଫିସର ବିଶେଷ ସୁରକ୍ଷାବଳ ଲଣ୍ଡନ)

(୬) ମୋକରମ୍ ମେହେମୁଦ୍ ଅହେମଦ୍ ଖାନ୍ ସାହେବ୍ (ସୁରକ୍ଷାବଳ ବିଭାଗ)

(୭) ମୋକରମ୍ ନସିରୁଦ୍ଦିନ ହୁମାୟୁଁ ସାହେବ୍ (ବିଶେଷ ସୁରକ୍ଷା ବିଭାଗ)

(୮) ମୋକରମ୍ ସଖାଓ୍ୱତ୍ ଅଲୀ ବାଜୁଆ ସାହେବ୍ (ବିଶେଷ ସୁରକ୍ଷା ବିଭାଗ)

(୯) ମୋକରମ୍ ଅତାଉଲ୍ କୁଦୁସ୍ ସାହେବ୍ (ବିଶେଷ ସୁରକ୍ଷା ବିଭାଗ)

(୧୦) ଖାକ୍‌ସାର୍ (ଅଧମ) ଅବ୍‌ଦୁଲ ମାଜିଦ୍ ତାହେର୍ (ଏଡିଶିନାଲ୍ ଓ୍ୱକିଲୁଲ ତବ୍‌ଶିର, ଲଣ୍ଡନ)

ଏତଦ୍‌ବ୍ୟତୀତ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ୟୁ.କେରେ କାର୍ଯ୍ୟରତ ନିମ୍ନଲିଖିତ ସଦସ୍ୟମାନେ ଖୁତ୍‌ବାଜୁମା, ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଏବଂ ରିସିପସନ୍ ଉତ୍ସବ, ହଜୁର୍ ଅନୁଓ୍ୱର୍‌ଙ୍କ ଇଂଟରଭ୍ୟୁ ଓ ଅନ୍ୟାନ୍ୟ ସମସ୍ତ ପ୍ରୋଗ୍ରାମ୍ ଗୁଡିକର ରେକର୍ଡିଂ କରିବା ଓ ଜାପାନ୍‌ରୁ ଲାଇଭ୍ ଟ୍ରାନ୍ସମିସନ୍ ନିମନ୍ତେ ଏହି ଗସ୍ତରେ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି । (୧)ମୋକରମ୍ ମୁନୀର୍ ଅହେମଦ୍ ଅଓଦାଃ ସାହେବ୍ (୨)ମୋକରମ୍ ସଫିରୁଦ୍ଦିନ୍ କମର୍ ସାହେବ୍ (୩)ମୋକରମ୍ ସଲମାନ୍ ଅବାସି ସାହେବ୍ (୪)ମୋକରମ୍ ଆସିଫ୍ ହାଦି ସାହେବ୍ ।

ମୋକରମ୍ ଅମୀର୍ ଅଲିମ୍ ସାହେବ୍ ମଖ୍‌ଜନେ ତସାଓ୍ୱିର ବିଭାଗର ଇନ୍‌ଚାର୍ଯ୍ୟ ସାହେବ ମଧ୍ୟ ଏହି ଯାତ୍ରାରେ ସାମିଲ୍ ହେବାର

ସୌଭାଗ୍ୟ ପାଇଛନ୍ତି । ଜମାତ୍ ଅହେମଦୀୟା ଆମେରିକା ତରଫରୁ ଡାକ୍ତର ତନୱିର୍ ଅହେମଦ୍ ସାହେବ୍ ଜାପାନ୍‌ର ଏହି ଗସ୍ତ ସମୟରେ ଡାକ୍ତର ରୂପେ ଡ୍ୟୁଟି ଦେବାପାଇଁ ଏହି କାଫେଲା ସହିତ ଥିଲେ । ଅଲ୍ଲାଃତାଲା ଏହି ସମସ୍ତଙ୍କୁ ଏହି ସୌଭାଗ୍ୟ ମୁବାରକ୍ କରନ୍ତୁ ।

ଏତଦ୍‌ବ୍ୟତୀତ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ୟୁ.କେ ରୁ ଚାରିଜଣ ଖୁଦାମ ବିଶିଷ୍ଟ ଏବଂ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟ ଜର୍ମାନୀ ତରଫରୁ ପାଂଚଜଣ ଖୁଦାମ୍ ବିଶିଷ୍ଟ ସିକ୍ୟୁରିଟି ଟିମ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଜାପାନ ଆଗମନ ପୂର୍ବରୁ ଜାପାନ୍‌ଠାରେ ପହଂଚି ସାରିଥିଲେ ଏମାନେ ସମସ୍ତେ ମଧ୍ୟ ବହୁତ ନିଷ୍ଠାର ସହିତ ଓ ଆନନ୍ଦର ସହିତ ନିଜର ଧାର୍ଯ୍ୟ ଓ କର୍ତବ୍ୟକୁ ସମ୍ପାଦନ କଲେ । ଫଜଜାହୁମୁଲ୍ ଲାହୋ ଅହ୍‌ସନୁଲ୍ ଜଜା ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ଗସ୍ତବେଳେ ଯେଉଁ ସବୁ ଇଂଟରଭ୍ୟୁ ନିଆଯାଇଥିଲା ସେହି ସବୁର ପ୍ରକାଶନ ଖବରକାଗଜ ଏବଂ ୱେବ୍‌ସାଇଟ୍‌ରେ ଗସ୍ତ ପରେ ମଧ୍ୟ ଜାରି ରହିଲା ।

Shingetsu News Agency ର ପତ୍ରକାର Michael Penn ହଜୁର୍ ଅନୁୱର୍ ଅ:ବ:ଙ୍କ ଇଂଟରଭ୍ୟୁ ନେଇଥିଲେ ଯାହାର ତଫସିଲ୍ ଅଲ୍ ଜଜିରା ୱେବ୍‌ସାଇଟ୍‌ରେ ପ୍ରକାଶ ହୋଇଛି । ଏହି ଇଂଟରଭ୍ୟୁକୁ ଜାପାନ୍ ସହିତ ସାରା ଦୁନିଆରେ ବହୁତ ପ୍ରଶଂସା କରାଗଲା । ଇଂଟରଭ୍ୟୁ ନେଇଥିବା ପତ୍ରକାର ଜଣକ ଏ ପ୍ରସଙ୍ଗରେ ଲେଖୁଛନ୍ତି କି ''ଅଲ୍‌ଜଜିରା ଇଂରାଜୀ''ରେ ନାଗୋୟା ମସ୍‌ଜିଦ୍‌ର ଉଦ୍‌ଘାଟନୀ ପ୍ରସଙ୍ଗରେ ମୁଁ ଯେଉଁ ଆର୍ଟିକିଲ୍ ଲେଖିଥିଲି ଏହାର ଗଣନା ପୁରା ସପ୍ତାହ ୱେବ୍‌ସାଇଟ୍‌ରେ ସବୁଠାରୁ ଅଧିକା ପଢ଼ାଯାଇଥିବା ଆର୍ଟିକିଲ୍ ମଧ୍ୟରେ ହୋଇ ଚାଲିଲା । ୨୨ ହଜାର୍‌ରୁ ଅଧିକା ଲୋକେ ଏହାକୁ ଫେସ୍‌ବୁକ୍‌ରେ ସେୟାର୍ କରିଛନ୍ତି ଏବଂ ଅଦ୍ୟାବଧି ଏହା ମଧ୍ୟ ଜାରି ରହିଛି'' । ପୁଣି ସେ କହିଲେ କି ଯେବେଠାରୁ ମୁଁ ପତ୍ରକାରିତାର କାର୍ଯ୍ୟ ଆରମ୍ଭ କଲିଣି ସେବେଠାରୁ ନେଇ ଏପର୍ଯ୍ୟନ୍ତ ମୋର ଏହା ସବୁଠାରୁ ଅଧିକା ସଫଳ ଆର୍ଟିକିଲ୍ ପ୍ରମାଣିତ ହୋଇଛି'' ।

ଏହି ଇଂଟରଭ୍ୟୁ ଅଲ୍‌ଜଜିରା ଇଂରାଜୀ ''ନ୍ୟୁଜ୍ ଏଜେନ୍‌ସି'' ଏବଂ ଜମାତ୍ ଅହେମଦୀୟାର ଟୁଇଟର୍ ଆକାଉଂଟ୍‌ସ୍ ଓ ଫେସ୍‌ବୁକ୍ ମାଧ୍ୟମରେ ଲକ୍ଷ୍ୟଲକ୍ଷ୍ୟ ଲୋକଙ୍କ ପର୍ଯ୍ୟନ୍ତ ପହଂଚୁଅଛି ଏବଂ ଜାପାନୀ ଖବରକାଗଜ ବ୍ୟତୀତ ଇଂରାଜୀ ପଢୁଥିବା ଲୋକେ ଓ ଜାପାନ୍‌ରେ ରହୁଥିବା ଅନ୍ୟଦେଶର ଲୋକମାନଙ୍କ ପର୍ଯ୍ୟନ୍ତ ମଧ୍ୟ ଇସ୍‌ଲାମେ ଅହେମଦୀୟତ୍‌ର ବାର୍ତାକୁ ପ୍ରକାଶ କରିବାର ମାଧ୍ୟମ ହୋଇଚାଲିଛି । ଏହି ଇଂଟରଭ୍ୟୁଟି ସମ୍ପୂର୍ଣ୍ଣ ରୂପେ ଅନୁବାଦ କରାଯାଇ ଇଂଣ୍ଡୋନେସିଆର ମିଡ଼ିଆରେ ମଧ୍ୟ ପ୍ରକାଶ ପାଇଛି । ।

ଅଲ୍‌ଜଜିରା ୱେବ୍‌ସାଇଟ୍‌ରେ ଯେବେ ଏ ଖବର ପ୍ରକାଶ ହେଲା କିଛି ଗଏର୍ ଅହେମଦୀ ଲୋକେ ଅହେମଦୀ ମାନଙ୍କ ନିମନ୍ତେ ମୁସଲ୍‌ମାନ୍ ଶବ୍ଦ ବ୍ୟବହାର ହୋଇଥିବା ଯୋଗୁ ଆପତି ଅଭିଯୋଗ ମଧ୍ୟ କଲେ । ପତ୍ରକାର ମାଇକେଲ ପେନ୍ ସାହେବ୍ ଉକ୍ତ ଆପତି ଅଭିଯୋଗର ଉତର ଦେଇ ଲେଖୁଛନ୍ତି କି 'ଆପଣମାନେ ଏହା କହୁଛନ୍ତି ଯେ ଅଧିକାଂଶ ମୁସଲ୍‌ମାନ୍ ଅହେମଦୀ ମାନଙ୍କୁ ଅଣ ମୁସ୍‌ଲିମ୍ ବୋଲି ଭାବୁଛନ୍ତି କିନ୍ତୁ ମୁଁ ଅହେମଦୀ ଏବଂ ତାଙ୍କ ଧର୍ମଗୁରୁ ଖଲିଫାଙ୍କ ସହିତ ମିଶିଛି । ସେ ସମସ୍ତଙ୍କର କହିବାର ହେଉଛି କି ସେମାନେ ହେଉଛନ୍ତି ମୁସଲ୍‌ମାନ୍ । ସେମାନଙ୍କର କହିବା କଥା କି ସେମାନଙ୍କର ଧର୍ମ ହେଉଛି ଇସ୍‌ଲାମ୍ ଏବଂ ତାଙ୍କ ଜମାତ୍‌ର ନାମ ହେଉଛି 'ଜମାତ୍ ଅହେମଦୀୟା ମୁସ୍‌ଲିମା' । ଯେବେ ସେମାନେ ନିଜକୁ ମୁସଲ୍‌ମାନ୍ ବୋଲି କହୁଛନ୍ତି ତେବେ ମୋ ନିକଟରେ ଏ ତର୍କ ହିଁ ଶେଷ ହୋଇଯାଉଛି । ଯେବେ ସେ ନିଜକୁ ମୁସଲ୍‌ମାନ୍ କହୁଛନ୍ତି ତେବେ ମୋତେ ସେମାନଙ୍କୁ ମୁସଲ୍‌ମାନ୍ ବୋଲି ସ୍ୱୀକାର କରିବାକୁ ପଡ଼ିଲା ।

ଯେଉଁଠି ମିଡ଼ିଆରେ ବ୍ୟାପକ ରୂପେ ମସ୍‌ଜିଦ୍‌ର କଭ୍‌ରେଜ୍ କରାଯାଉଅଛି ସେଠି କିଛି ଜମାତ୍‌ର ବିରୋଧିମାନଙ୍କ ତରଫରୁ ଆପତି ଅଭିଯୋଗ ମଧ୍ୟ କରାଯାଉଛି । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଜାପାନୀ ଲୋକମାନେ ନିଜେ ଏହି ଆପତି ଅଭିଯୋଗର ଉତର ଦେଇ ସେହି ବିରୋଧି ଗୋଷ୍ଠୀଙ୍କର ମୁହଁ ବନ୍ଦ୍ କରୁଛନ୍ତି ।

ଏତଦ୍‌ବ୍ୟତୀତ ଜାପାନ୍‌ର ଇଂରାଜୀ ମିଡ଼ିଆର ଖବରକାଗଜ Japan Today ମଧ୍ୟ ଅଲ୍‌ଜଜିରା ୱେବ୍‌ସାଇଟ୍‌ରୁ ହଜୁର୍ ଅନୁୱର୍‌ଙ୍କ ବାକ୍ୟକୁ ନେଇ ସ୍ୱଷ୍ଟ ଅକ୍ଷର ଦ୍ୱାରା ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିଛି । ଏ ପ୍ରସଙ୍ଗରେ ପତ୍ରକାର Michael Penn ସାହେବ୍ ଲେଖୁଛନ୍ତି କି Japan Today ଅଲ୍‌ଜଜିରା ୱେବ୍‌ସାଇଟ୍‌ରୁ ଖଲିଫା ନିଜ ମସ୍‌ରୁର୍ ଅହେମଦ୍ ସାହେବ୍‌ଙ୍କ ଇଂଟରଭ୍ୟୁର କୋର୍ଟ୍‌କୁ ନେଇ ପ୍ରକାଶ କରିଛି । ମୋ ନିକଟରେ ଏହି ଇଂଟରଭ୍ୟୁର ଯଥାଶିଘ୍ର ଭିଡ଼ିଓ ମଧ୍ୟ ପ୍ରକାଶ କରିଦେବା ଉଚିତ୍ ।

ସଂଯୋଗ ବଶତଃ ଆଜିକାଲି ପାଶ୍ଚାତ୍ୟ ମିଡ଼ିଆ ବିଶେଷ ରୂପେ ଆମେରିକାରେ ଦକ୍ଷିଣପନ୍ଥୀ ମନୋଭାବ ରଖିଥିବା ଗୋଷ୍ଠୀ ଜାପାନ୍ ସମ୍ବନ୍ଧରେ ଏ ଖବରମଧ୍ୟ ଛପାଇଛନ୍ତି କି ଜାପାନ୍‌ରେ ମୁସଲ୍‌ମାନ୍‌ମାନେ ମସ୍‌ଜିଦ୍ ନିର୍ମାଣ କରିପାରିବେ ନାହିଁ, ପବିତ୍ର କୋରାନ୍‌କୁ ପ୍ରକାଶ କରିପାରିବେ ନାହିଁ ଓ ଜାପାନ୍‌ରେ ଇସ୍‌ଲାମ୍‌ର ତବ୍‌ଲିଗ୍ ମନା ଅଛି ଇତ୍ୟାଦି ଇତ୍ୟାଦି । ସୁତରାଂ ଜାପାନ୍‌ର ପତ୍ରକାର, ୟୁନିଭର୍‌ସିଟିର ପ୍ରଫେସର୍‌ମାନେ ଏବଂ କିଛି ଅନ୍ୟାନ୍ୟ ବୁଦ୍ଧିଜୀବି 'ମସ୍‌ଜିଦ୍ ବଇତୁଲ୍ ଅହଦ୍' ଜାପାନ୍‌ର ହୱାଲା ଦେଇ ଉକ୍ତ ଆପତି ଅଭିଯୋଗର ଉତର ଦେଉଛନ୍ତି । ସୁତରାଂ ସେହି କାରଣ ଯୋଗୁ ମଧ୍ୟ ଜାପାନ୍‌ରେ ଜମାତ୍ ଅହେମଦୀୟା ବ୍ୟାପକ ରୂପେ ପରିଚିତ ହେଉଅଛି ।

୨୪ ନଭେମ୍ବର୍ ୨୦୧୫ ଦିନ ଜାପାନ୍‌ର ସବୁଠାରୁ ପ୍ରସିଦ୍ଧ ଇଂରାଜୀ ଖବରକାଗଜ 'The Japan Times' ମସ୍‌ଜିଦ୍‌ର ଉଦ୍‌ଘାଟନୀ ଖବରକୁ ପ୍ରକାଶ କରି ଲେଖୁଛି ଇଚି ପ୍ରିଫେକ୍‌ଚର୍ Tsushima ରେ ମୁସଲ୍‌ମାନ୍ ଜମାତ୍‌ର ଗୋଟିଏ ବହୁତ ବଡ଼ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜମାତ୍ ଅହେମଦୀୟା ମୁସ୍‌ଲିମା ମୁତାବକ ଉକ୍ତ ମସ୍‌ଜିଦ୍‌ରେ ପାଂଚଶହ ନମାଜୀଙ୍କ ନିମନ୍ତେ ପ୍ରାର୍ଥନା କରିବାର ସ୍ଥାନ ଅଛି ଓ ତାର ଗଣନା ଜାପାନ୍‌ର ବଡ଼ ବଡ଼ ମସ୍‌ଜିଦ୍ ମାନଙ୍କ ମଧ୍ୟରେ ହେଉଅଛି ।

ଜମାତ୍ ଅହେମୀୟା ମୁସ୍‌ଲିମାର ଆନ୍ତର୍ଜାତିୟ ଧର୍ମଗୁରୁ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ମସ୍‌ଜିଦ୍ ଉଦ୍‌ଘାଟନ ଅବସରରେ କହିଲେ କି ''ପ୍ୟାରିସ୍‌ରେ ହୋଇଥିବା ସନ୍ତ୍ରାସବାଦ ଆକ୍ରମଣ ଅତ୍ୟନ୍ତ ଅତ୍ୟାଚାର ମୂଳକ ଥିଲା ଓ ଯେଉଁ ଲୋକମାନେ ନିରୀହ ଲୋକମାନଙ୍କର ଜୀବନ ନେଉଛନ୍ତି ସେମାନେ ବାସ୍ତବରେ ଅଲ୍ଲାଃତାଲାଙ୍କର କ୍ରୋଧକୁ ଡାକି ଆଣୁଛନ୍ତି । ଇସ୍‌ଲାମ୍‌କୁ ପ୍ରସାର କରିବା ନିମନ୍ତେ କୌଣସି ପ୍ରକାର ତରବାରିର ଆବଶ୍ୟକ ନାହିଁ ।

ଖବରକାଗଜ ଲେଖୁଛି:- ଏହି ଉତ୍ସବରେ ୨୭ଟି ଦେଶରୁ ଆସିଥିବା ପ୍ରତିନିଧିମାନଙ୍କ ବ୍ୟତୀତ ସ୍ଥାନୀୟ ଜାପାନୀ ଲୋକେ, ବୁଦ୍ଧିଷ୍ଟ୍ ପ୍ରିଏଷ୍ଟ୍ ଏବଂ ଶ୍ରାଇନ୍‌ର ପ୍ରତିନିଧିମାନେ ସାମିଲ୍ ହୋଇଛନ୍ତି ।

ସେହିପରି ବିଗତ ଜୁମା ୨୭ ନଭେମ୍ବର୍ ଦିନ ମଧ୍ୟ ନାଗୋୟା ଟିଭିର ଟିମ୍ ମସ୍‌ଜିଦ୍‌ରେ ପହଂଚିଲେ ଓ ସେହି ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ବୃକ୍ଷରୋପଣ ଉତ୍ସବ ଓ ଜୁମାର ଦୃଶ୍ୟକୁ ପ୍ରସାରଣ କଲେ ।

ଜାପାନୀମାନଙ୍କର ମସ୍‌ଜିଦ୍ ବଇତୁଲ୍ ଅହଦ୍ ନିମନ୍ତେ ଆଗ୍ରହ

ମିଡ଼ିଆରେ କଭ୍‌ରୋଜ୍ ଯୋଗୁ ଜାପାନୀ ଲୋକମାନଙ୍କର ମସ୍‌ଜିଦ୍ ପ୍ରତି ଧ୍ୟାନ ଆକର୍ଷଣ ହେଲା ଓ ଜାପାନୀ ଲୋକମାନେ ବିଭିନ୍ନ ଗ୍ରୁପ୍ ଆକାରରେ ଏବଂ ଜଣଜଣ ହୋଇ ମସ୍‌ଜିଦ୍‌କୁ ଆସୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ପ୍ରସ୍ଥାନର ପରଦିନ ହିଁ ସାତଜଣ ଲୋକେ ଜଣ ଜଣ ହୋଇ ଓ ଦୁଇଟି ଗ୍ରୁପ୍ ଉକ୍ତ ମସ୍‌ଜିଦ୍‌ଟିକୁ ପରିଦର୍ଶନ କରିବା ପାଇଁ ଆସିଥିଲେ । ସେହିପରି ଜୋହର୍ ନମାଜ, ଅସର୍ ନମାଜ୍ ଏବଂ ମଗ୍‌ରିବ୍ ନମାଜ ସମୟରେ ଜାପାନୀ, ଶ୍ରୀଲଙ୍କୀୟ, ତୁର୍କୀ ଏବଂ ଇଣ୍ଡୋନେସିଆନ୍ ମୁସଲ୍‌ମାନ୍ ବନ୍ଧୁ ସାମିଲ୍ ହେଉଛନ୍ତି । ସେମାନେ ସମସ୍ତେ ଏହା ବତାଉଛନ୍ତି କି ସେମାନେ ଖବରକାଗଜ ଓ ଟିଭି ଜରିଆରେ ମସ୍‌ଜିଦ୍ ବିଷୟରେ ଜାଣିବାକୁ ପାଇଲେ ଓ ସେମାନେ ମସ୍‌ଜିଦ୍ ଆସି ବହୁତ ଖୁସି ପ୍ରକଟ କଲେ ।

ସେହିଭଳି ଜଣେ ଜାପାନୀ ବନ୍ଧୁ ମସ୍‌ଜିଦ୍‌କୁ ଆସିଲେ ଓ ସେଠାକୁ ଆସି ପବିତ୍ର କୋରାନ୍ ଓ ଇସ୍‌ଲାମ୍ ସମ୍ବନ୍ଧରେ ବିଭିନ୍ନ ଲିଟ୍‌ରେଚର୍ ଅଧ୍ୟୟନ କଲେ । ଆଉଜଣେ ଜାପାନୀ ବନ୍ଧୁ ମସ୍‌ଜିଦ୍ ଦେଖିବାକୁ ଆସି କହିଲେ କି କେଉଁ ସ୍ଥାନଟି ମସ୍‌ଜିଦ୍‌ର ସବୁଠାରୁ ପବିତ୍ରତମ ଅଂଶ ? ଏଥିରେ ସେ ମେହ୍‌ରାବ୍ (ଯେଉଁଠି ଇମାମ୍ ଛିଡ଼ା ହୋଇ ନମାଜ ପଢ଼ାଇଥାନ୍ତି) ରେ ଛିଡ଼ା ହୋଇ ଜାପାନ୍‌ର ବିଶେଷ ଶୈଳୀରେ ମସ୍‌ଜିଦ୍ ନିମନ୍ତେ ସମ୍ମାନ ପ୍ରଦାନ କଲେ । ଲୋକମାନଙ୍କ ମସ୍‌ଜିଦ୍‌କୁ ଆଗମନର ଏହି ଧାରା ଜାରି ରହିଛି ଏବଂ ଏହି ମସ୍‌ଜିଦ୍‌ଟି ଜାପାନ୍‌ରେ ଇସ୍‌ଲାମ୍‌ର ତବ୍‌ଲିଗ୍ ନିମନ୍ତେ ଏକ ପ୍ରଭାବପୁର୍ଣ୍ଣ ମାଧ୍ୟମ ରୂପେ ପ୍ରମାଣିତ ହେଉଅଛି ।

ବହୁତ ଲୋକେ ମସ୍‌ଜିଦ୍‌ର ବାହାର ପଟୁ ଏହାର ଫଟୋ ଉଠାଇ ତାଙ୍କ ଫେସ୍‌ବୁକ୍ ଓ ଅନ୍ୟାନ୍ୟ ସୋଶିଆଲ୍ ମିଡ଼ିଆରେ ସେୟାର କରୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ଏହି ଗସ୍ତ ଜରିଆରେ ବିଭିନ୍ନ ରିପୋର୍ଟ୍ ମୁତାବକ ଜାପାନ୍‌ରେ ବାଉନ୍ ମିଲିୟନ୍‌ରୁ ଅଧିକା ଲୋକମାନଙ୍କ ପର୍ଯ୍ୟନ୍ତ ଇସ୍‌ଲାମେ ଅହେମଦୀୟତ୍‌ର ବାର୍ତା ଜାପାନୀ ଜାତି ପର୍ଯ୍ୟନ୍ତ ପହଂଚିଲା ଓ ଏହି ଧାରା ବର୍ତମାନ ଅନବରତ ଜାରି ରହିଛି ।

ଅଲ୍ଲାଃତାଲାଙ୍କ କରୁଣାରୁ 'ମସ୍‌ଜିଦ୍ ବଇତୁଲ୍ ଅହଦ୍'ର ଉଦ୍‌ଘାଟନ ହେବା ଜରିଆରେ ଜାପାନ୍‌ରେ ଇସ୍‌ଲାମ୍‌ର ତବ୍‌ଲିଗ୍ ଓ ପ୍ରଚାର ପ୍ରସାର ନିମନ୍ତେ ଏକ ନୂତନ ମାର୍ଗ ଖୋଲିଗଲା । ସିଲ୍‌ସିଲା ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ଆ:ସଙ୍କ ଜାପାନ୍‌ରେ ଇସ୍‌ଲାମ୍‌ର ପ୍ରଚାର ପ୍ରସାର ନିମନ୍ତେ ଥିବା ଭୀଷଣ ଇଛାକୁ ପୂରଣ କରିବାର କାରଣ ହେଉଅଛି । ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହାତରେ ଲଗାଯାଇଥିବା ଏହି ଚାରାଟି ଖିଲାଫତେ ଆଲା ମିନ୍‌ହାଜେ ନବୁୱତ୍‌ର ଛତ୍ରଛାୟାତଳେ ଦିନରାତି ଉନ୍ନତିର ଗତିପଥରେ ଅଗ୍ରଗତି କରିଚାଲିଛି ଓ ଆସନ୍ତା ଦିନଗୁଡିକରେ ନୂତନ ବିଜୟର କିରଣର ଆଶାକୁ ନେଇଆସୁଛି ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ନିଜ ଖୁତ୍‌ବା ଜୁମା ପ୍ରଦତ ୧୯ ନଭେମ୍ବର୍ ୧୯୫୪ ରେ କହିଥିଲେ:-

***''ଜାପାନ୍ ହେଉଛି ଏକ ମହାନ୍ ଦେଶ, ଯଦି ଆମେ ସେଠାରେ ମିଶନ୍ ଖୋଲିଦେବା ଓ ଇଶ୍ୱର କରନ୍ତୁ କି ସେଠାରେ ଆମ ଜମାତ୍ ସ୍ଥାପନ ହୋଇଯାଉ (ଫଳତଃ) ଅହେମଦୀୟତ୍‌ର ଆବାଜ୍ ସମସ୍ତ ପୂର୍ବ ଏସିଆରେ ଗୁଞ୍ଜରଣ କରିଚାଲିବ''***

ଆଜି ଆଜି ଅଲ୍ଲାଃତାଲାଙ୍କ ଦୟା ଓ କରୁଣା ବଳରୁ ପୂର୍ବ ଏସିୟାର ଦେଶ ଜାପାନ୍‌ରେ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ର ନିର୍ମାଣ ହେବା ଦ୍ୱାରା ଅହେମଦୀୟତ୍‌ର ଆବାଜ୍ ନା କେବଳ ଜାପାନ୍‌ର ଭୂପୃଷ୍ଠରେ ବରଂ ଏହି ମସ୍‌ଜିଦ୍‌ର ମିନାରାରୁ ଏହି ସ୍ୱର ସମଗ୍ର ପୂର୍ବ ଏସିୟାରେ ଗୁଞ୍ଜରଣ ହେବ । କୋରିଆ, ଚୀନ୍, ତାଇୱାନ୍ ଏବଂ ଅନ୍ୟାନ୍ୟ ପୂର୍ବ ଏସିୟ ଦେଶଗୁଡିକୁ ସମସ୍ତେ ଇସ୍‌ଲାମ୍‌ର ସୁନ୍ଦର ବାର୍ତା ଦ୍ୱାରା ଲାଭାନ୍ୱିତ ହେବେ ଏବଂ ପବିତ୍ର ଆତ୍ମାଗୁଡିକ ଏହି ବାର୍ତାରେ ଲବେକ୍ କହି ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଝରଣାରୁ ଶୋଷ ମେଂଟାଇବେ । ଇନ୍‌ଶାଅଲ୍ଲାଃ ।

(ବହୱାଲା ଅଖବାର୍ ବଦର୍ ୨୧ ଜାନୁଆରୀ ୨୦୧୬)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ଡ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।**

## ଜମାତ୍‌ର ଲୋକମାନେ ବହୁମାତ୍ରାରେ ଏହି ଦୁଆଗୁଡିକୁ ପାଠ କରନ୍ତୁ ।

ବ୍ରିଟେନ୍ ଜଲସାସାଲାନାର ପ୍ରଥମଦିନ ତା-୦୩ ଅଗଷ୍ଟ ୨୦୧୮ ରିଖ ସୟଦ୍‌ନା ହଜୁର୍ ଅନୱ୍ୱର୍ ଅ:ବ:ଅ ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଜମାତ୍‌ର ଲୋକମାନଙ୍କୁ ବହୁମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିବା ଓ ନିମ୍ନଲିଖିତ ଦୁଆଗୁଡିକୁ ପାଠ କରିବା ନିମନ୍ତେ ତହ୍‌ରିକ୍ କରିଛନ୍ତି ।

(1) اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا صَلَّيْتَ عَلٰى اٰلِ اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا بَارَكْتَ عَلٰى اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ-

ଅନୁବାଦ:- ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ (ବଂଶଜ)ଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଉପରେ ଏବଂ ତାଙ୍କ ଆଲ୍‌ଙ୍କ ଉପରେ ଦରୁଦ୍ ପ୍ରେରଣ କରିଅଛ । ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କରିଥିଲ । ତୁମେ ହେଉଛ ବହୁତ ପ୍ରଶଂସିତ (ଓ) ଗୌରବମୟ ।

(2) رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَيْتَنَا وَهَبْ لَنَا مِنْ لَّدُنْكَ رَحْمَةً ۚ اِنَّكَ اَنْتَ الْوَهَّابُ (آل عمران:9)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ତୁମେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ଏବଂ ତୁମ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମେ ହିଁ ମହାନ୍ ଦାତା । (ଆଲେ ଇମ୍‌ରାନ୍:୯)

(3) رَبَّنَا اغْفِرْ لَنَا ذُنُوْبَنَا وَاِسْرَافَنَا فِيْٓ اَمْرِنَا وَثَبِّتْ اَقْدَامَنَا وَانْصُرْنَا عَلَى الْقَوْمِ الْكٰفِرِيْنَ (آل عمران:148)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମମାନଙ୍କର ତ୍ରୁଟିଗୁଡିକୁ ଆମମାନଙ୍କର କର୍ତ୍ତବ୍ୟରେ ସୀମା ଲଙ୍ଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । (ଆଲେ ଇମ୍‌ରାନ୍:୧୪୮)

(4) رَبَّنَا ظَلَمْنَآ اَنْفُسَنَا ۚ وَاِنْ لَّمْ تَغْفِرْ لَنَا وَتَرْحَمْنَا لَنَكُوْنَنَّ مِنَ الْخٰسِرِيْنَ (الاعراف:24)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ । (ଅଲ୍ ଆରାଫ୍:୨୪)

(5) رَبَّنَآ اٰتِنَا فِي الدُّنْيَا حَسَنَةً وَّفِي الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرہ:202)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀର ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର । (ଅଲ୍ ବକ୍‌ରାଃ:୨୦୨)

(6) اَللّٰهُمَّ اِنَّا نَجْعَلُكَ فِيْ نُحُوْرِهِمْ وَنَعُوْذُبِكَ مِنْ شُرُوْرِهِمْ

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମେ ତୁମକୁ ସେମାନଙ୍କ ହୃଦୟରେ ରଖୁଅଛୁ । (ଅର୍ଥାତ୍ ତୁମର ରୋବ ଏବଂ ଭୟ ସେମାନଙ୍କ ହୃଦୟ ଭିତରେ ଭରିଯାଉ) ଏବଂ ସେମାନଙ୍କ ଦୁଷ୍ଟାମିରୁ ତୁମ ଶରଣ ଭିକ୍ଷା କରୁଅଛୁ । (ଅବୁଦାଉଦ, କିତାବ୍ ଫଜାଏଲୁଲ୍ କୁରଆନ୍)

(7) رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

ଅନୁବାଦ:- ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ହେଉଛି ତୁମର ସେବକ । ପୁଣି ହେ ମୋର ପାଳନକର୍ତ୍ତା ! ଦୁଷ୍ଟମାନଙ୍କ ଦୁଷ୍ଟାମୀରୁ ମୋତେ ସୁରକ୍ଷା ପ୍ରଦାନ କର ଓ ମୋତେ ସାହାଯ୍ୟ କର ଓ ମୋ ଉପରେ କରୁଣା କର । (ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମି ଦୁଆ)

## ଜେଲି ତନ୍‌ଜିମ୍ ଭାରତର ସାଲାନା ଇଜ୍‌ତିମା ୨୦୧୮ର ମଞ୍ଜୁରୀ

ସୟଦ୍‌ନା ହଜରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟାପୂର୍ବକ ଜେଲି ତନ୍‌ଜିମ୍ ଭାରତର ସାଲାନା ଇଜ୍‌ତେମା ୨୦୧୮ ନିମନ୍ତେ ୧୨-୧୩-୧୪ ଅକ୍ଟୋବର ୨୦୧୮ (ଶୁକ୍ରବାର, ଶନିବାର ଓ ରବିବାର) ଦିନ ଗୁଡିକର ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ସମସ୍ତ ଜେଲି ତନ୍‌ଜିମ୍ ଗୁଡିକର ସଦସ୍ୟ ଓ ସଦସ୍ୟାମାନେ ଏବେଠାରୁ ଦୁଆ କରି କାଦିଆନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ଇଜ୍‌ତେମାରେ ଯୋଗଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ତତ୍‌ସହିତ ଏହି ଇଜ୍‌ତେମା ପ୍ରତି କ୍ଷେତ୍ରରୁ ସଫଳ ହେବାପାଇଁ ଅନବରତ ଦୁଆ ଜାରି ରଖନ୍ତୁ । ଜଜାକୁମୁଲ୍ଲାହୁ ତାଲା ଅହସନୁଲ୍ ଜଜା

(ଦଫ୍‌ତର)

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୱ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତ୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତ୍ତର ଏବଂ ହଜୁର୍ ଅନୱ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୱ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୂଆ ଶରହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୂଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୂଆ ଶରହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.3 Thursday 23 August 2018 Issue No.34**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜାପାନ ଗସ୍ତ - ନଭେମ୍ବର ୨୦୧୫ ର କାର୍ଯ୍ୟବ୍ୟସ୍ତତା

**୨୩ ନଭେମ୍ବର୍ ୨୦୧୫ (ସୋମବାର)**
**ରିପୋର୍ଟର ବଳକା ଅଂଶ**

**ଜାପାନ୍‌ର ଜାତୀୟ ଖରବକାଗଜ 'Asahi' ର ଜର୍ନାଲିଷ୍ଟ୍‌ଙ୍କ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଇଂଟରଭ୍ୟୁ**

ଏହାପରେ ଠିକ୍ ୨:୧୦ରେ ଜାପାନ୍‌ର ଗୋଟିଏ ଜାତୀୟ ଖବରକାଗଜ 'Asahi' ର ଜର୍ନାଲିଷ୍ଟ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଇଂଟରଭ୍ୟୁ ନେଲେ । ଏହି ଖବରକାଗଜର ପ୍ରକାଶନ ସଂଖ୍ୟା ୮୦ ଲକ୍ଷ୍ୟରୁ ଅଧିକ ।

ଜର୍ନାଲିଷ୍ଟ୍ ଜଣକ କହିଲେ କି ହଜୁର୍ ଅନୁୱର୍‌ଙ୍କ ଅଭିଭାଷଣ ଯୋଗୁ ବହୁତ ବହୁତ ଧନ୍ୟବାଦ୍ । ହଜୁର୍ ଅନୁୱର୍‌ଙ୍କ ଅଭିଭାଷଣରୁ ଆମକୁ ବହୁତ ଗୁରୁତ୍ୱପୁର୍ଣ୍ଣ ବାର୍ତା ମିଳିଛି ।

ଏହାପରେ ସେହି ମହିଳା ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ କି- ଅହେମଦୀୟା ଅର୍‌ଗାନାଇଜେସନ୍‌ର ଦୁନିଆରେ ଅନେକ ବ୍ରାଂଚେସ୍ ଅଛି । ତେବେ ଜାପାନୀ ବ୍ରାଂଚ୍‌ର ପୋଜିସନ୍ କଣ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏଠି ଜାପାନ୍‌ରେ ଆମର ଗୋଟିଏ ଛୋଟିଆ କମ୍ୟୁନିଟି ଅଛି, ଯେଉଁଠି ସଂଖ୍ୟାର କଥା ଉଠୁଛି ଏମାନଙ୍କ ସଂଖ୍ୟା ହେଉଛି ୨୦୦ରୁ ଅଧିକ । ଆଫ୍ରିକାରେ ଆମ ସଂଖ୍ୟା ମିଲିୟନ୍ ମିଲିୟନ୍ ଅଛି । ଘାନାରେ ବହୁତ ବଡ଼ ସଂଖ୍ୟାରେ ଆମ କମ୍ୟୁନିଟି ରହିଛି । ସେହିପରି ଫ୍ରାଙ୍କୋଫୋନ୍ ଦେଶଗୁଡିକରେ ଜମାତ୍‌ର ବହୁତ ବଡ଼ ସଂଖ୍ୟା ରହିଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଏଠାରେ ଏ ପ୍ରଶ୍ନ ଉଠୁନାହିଁ କି ଆମେ କମ୍ ଅଛୁ ବା ଅଧିକା । ଅସଲ କଥା ହେଉଛି କ୍ୱାଲିଟି ଓ ଏହା ଉତମ ହେବା ଉଚିତ୍ । ଅହେମଦୀୟା କମ୍ୟୁନିଟିର ଯେଉଁ ମେମ୍ବର୍ ମାନେ ଅଛନ୍ତି ସେମାନଙ୍କୁ ନିର୍ବିଶେଷରେ କର୍ମଠ ମେମ୍ବର୍ ହେବାକୁ ପଡ଼ିବ । ଇସ୍‌ଲାମ୍‌ର ସଚ୍ଚା ଶିକ୍ଷା ଉପରେ ଅମଲ କରବା ଉଚିତ୍ । ଇଶ୍ୱରଙ୍କ ସହିତ ସମ୍ପର୍କ ଏବଂ ଅନ୍ୟମାନଙ୍କର ହକ୍ ପ୍ରଦାନ କରିବାକୁ ପଡ଼ିବ । ପ୍ରତ୍ୟେକ ଅହେମଦୀଙ୍କ ନିକଟରେ ଏହି ଦୁଇଗୋଟି ବିଶେଷତା ରହିବା ଜରୁରୀ ଅଟେ । ପ୍ରଥମଟି ହେଉଛି ତାର ଇଶ୍ୱରଙ୍କ ସହିତ ସମ୍ପର୍କ ଓ ଦ୍ୱିତୀୟଟି ହେଉଛି ସେ ମାନବ ଜାତିର ସେବା କରୁଥିବ ଏବଂ ଅନ୍ୟମାନଙ୍କର ଅଧିକାରକୁ ପ୍ରଦାନ କରୁଥିବ ।

ଜର୍ନାଲିଷ୍ଟ୍ ପୁଣି ପ୍ରଶ୍ନ ପଚାରିଲେ ଦୁନିଆରେ Radicalization ବହୁତ ବଢ଼ି ଚାଲିଛି । ଚରମପନ୍ଥୀ ଲୋକମାନଙ୍କର ସଂଖ୍ୟ ବଢ଼ିଚାଲିଛି । କଣ ସେ ଲୋକମାନଙ୍କ ସହିତ କିଛି କଥାବାର୍ତା କରାଯାଇପାରିବ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ କହିଲେ କି ଏଭଳି ଲୋକେ ଆମ ସହିତ କୌଣସି କଥା ହେବାକୁ ଚାହାଁନ୍ତି ନାହିଁ । ଆମେ ଯେଉଁଭଳି ଇସ୍‌ଲାମ୍‌ର ସଚ୍ଚା ଶିକ୍ଷାକୁ ପ୍ରସାର କରୁଅଛୁ ସେମାନେ ସେହି ଶିକ୍ଷା ମୁତାବକ ବିଶ୍ୱାସ ରଖନ୍ତି ନାହିଁ ।

ଆଁ ହଜ୍‌ରତ୍ ସ:ଆ:ସ ପେଶ୍‌ଗୋଇ କରିଥିଲେ କି ଶେଷ ଯୁଗରେ ଯେବେ ଇସ୍‌ଲାମ୍‌ର କେବଳ ନାମ ବାକି ରହିଯିବ ଏବଂ ମୁସଲ୍‌ମାନ୍‌ମାନେ ଇସ୍‌ଲାମୀୟ ଶିକ୍ଷାକୁ ଭୁଲିଯିବେ ତେବେ ଅଲ୍ଲାଃତାଲା ମୁସଲ୍‌ମାନ୍‌ଙ୍କ ହିଦାୟତ୍ ନିମନ୍ତେ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀଙ୍କୁ ପ୍ରେରଣ କରିବେ । ତେବେ ଆମ ବିଶ୍ୱାସ ମୁତାବକ ମସିହ୍ ମଉଦ୍ ଏବଂ ଇମାମ୍ ମେହ୍‌ଦୀ ଆସି ସାରିଛନ୍ତି ଏବଂ ସେ ହେଉଛନ୍ତି ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ କାଦିଆନୀ ଆ:ସ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା । ଆମେ ଏହା କହୁଛୁ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ଯାହାକୁ ଆସିବାର ଥିଲା ସେ ଆସିସାରିଛନ୍ତି, ଯେବେ କି ଆମ ବିରୋଧି ଏହା କହୁଛନ୍ତି କି ସେ ଏପର୍ଯ୍ୟନ୍ତ ଆସିନାହାଁନ୍ତି ବୋଲି । ସୁତରାଂ ଏହା ହେଉଛି ସେମାନଙ୍କ ଓ ଆମମାନଙ୍କ ମଧ୍ୟରେ ଫରକ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଇସ୍‌ଲାମୀୟ ଶିକ୍ଷା ହେଉଛି ଏହା ଯେ ବର୍ତମାନ ଯୁଗରେ ତରବାରିର ଜିହାଦ୍ ଦରକାରନାହିଁ । ଅସଲ ଜିହାଦ୍ ହେଉଛି ନିଜ ଭିତରେ ପବିତ୍ର ପରିବର୍ତନ ସୃଷ୍ଟି କରିବା ଓ ତବ୍‌ଲିଗ୍‌ର ଜିହାଦ୍ କରିବା । ସେହିପରି ଇସ୍‌ଲାମ୍ କୁ ପ୍ରସାର କରିବାର ଜିହାଦ୍ କରିବା । ଯେବେ କି ଅନ୍ୟମାନେ ଏ କଥାକୁ ମାନୁନାହଁନ୍ତି । ସେଇଥିପାଇଁ ସେମାନେ ଆମ ସହିତ କୌଣସି ପ୍ଲାଟ୍‌ଫର୍ମ୍‌ରେ କଥା ହେଉନାହାଁନ୍ତି ।

ଜର୍ନାଲିଷ୍ଟ୍ ଜଣକ ପୁଣି ପ୍ରଶ୍ନ ପଚାରିଲେ କି ଇସ୍‌ଲାମ୍‌ର ଅନ୍ୟ ଲିଡର୍‌ମାନଙ୍କ ସହିତ କଥା ହେବାର କେତେ ଚାନ୍‌ସ ଅଛି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆମେ ତ କଥା ହେବାପାଇଁ ପ୍ରସ୍ତୁତ୍ । ଯଦି ଆପଣ ପ୍ଲାଟ୍‌ଫର୍ମ୍ ଯୋଗାଇଦେବେ ତେବେ ଆମେ ପ୍ରସ୍ତୁତ ଅଛୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଜାପାନ୍‌ରେ ଯେଉଁ ବହୁମାତ୍ରାରେ ମୁସଲ୍‌ମାନ୍ ଅଛନ୍ତି ସେମାନେ ଇସ୍‌ଲାମ୍‌ର ଶିକ୍ଷା ମୁତାବକ ସନ୍ତ୍ରାସବାଦ୍ କାର୍ଯ୍ୟକଳାପକୁ ଖଣ୍ଡନ କରୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ସାରା ଦୁନିଆରେ ପ୍ରତ୍ୟେକ ବର୍ଷ ଲକ୍ଷ୍ୟ ଲକ୍ଷ୍ୟ ଲୋକ ଆମ ଜମାତ୍‌ରେ ସାମିଲ୍ ହେଉଛନ୍ତି । କେବଳ ଏ ବର୍ଷ ସାରା ଦୁନିଆରୁ ପାଂଚଲକ୍ଷ୍ୟ ଷାଠିଏ ହଜାର୍‌ରୁ ଅଧିକ ଲୋକେ ଆମ ସହିତ ଯୋଗ ଦେଇଛନ୍ତି ଏବଂ ଏ ସଂଖ୍ୟା ଅନବରତ ବଢ଼ିଚାଲିଛି ।

ଜର୍ନାଲିଷ୍ଟ୍ ଜଣକ ପୁଣି ପ୍ରଶ୍ନ ପଚାରିଲେ କି ପ୍ୟାରିସ୍ (ଫ୍ରାନ୍‌ସ୍)ରେ ଘଟିଥିବା ଘଟଣାଟି ଏଠି ଜାପାନ୍‌ରେ ମଧ୍ୟ ପ୍ରଭାବ ପକାଇଛି

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣ ସିଧା ସଳଖ ରୂପେ ଏହି ଘଟଣାବଳୀ ଦ୍ୱାରା ପ୍ରଭାବିତ ହୋଇନାହାଁନ୍ତି । ଏଠିକାର ପରିସ୍ଥିତି ଭିନ୍ନ । କିନ୍ତୁ ଜଣେ ମନୁଷ୍ୟ ହୋଇଥିବା ଯୋଗୁ ଆପଣଙ୍କର ମଧ୍ୟ ଆବେଗ ତାହା ଅଛି ଯାହା ଏହି ଘଟଣାରେ ପ୍ରଭାବିତ ହୋଇଥିବା ଲୋକମାନଙ୍କର ଅଛି । (ତେଣୁ) (ଆମେ) ଏହି ଘଟଣାକୁ ଖଣ୍ଡନ କରୁଛୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ୟୁରୋପ୍‌ରେ ପରିସ୍ଥିତି ଅଲଗା ପ୍ରକାରର । ୟୁରୋପୀୟ ଲୋକମାନେ ବର୍ତମାନ ମୁସଲ୍‌ମାନଙ୍କୁ ଭୟ କରୁଛନ୍ତି । ମୁସଲ୍‌ମାନେ ୟୁରୋପ୍‌ରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ତାହା ସେହି ଅଳ୍ପ କିଛି ସନ୍ତ୍ରାସବାଦ ଲୋକମାନଙ୍କ ଯୋଗୁ ହେଉଛି, ଯେଉଁମାନେ ଇସ୍‌ଲାମ୍‌କୁ ବଦ୍‌ନାମ୍ କରିଛନ୍ତି । ଆମେ ଏହି ଘଟଣାକୁ Condemn କରୁଛୁ ଓ ଏହାର ସମ୍ପର୍କ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷା ସହିତ କିଛିନାହିଁ । ଏହା ସମ୍ପୂର୍ଣ୍ଣ ରୂପେ ଇସ୍‌ଲାମୀୟ ଶିକ୍ଷାର ଓଲଟା ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ୟୁରୋପ୍‌ରେ ଆମ ଅହେମଦୀମାନଙ୍କ ପାଇଁ କୌଣସି ପ୍ରକାରର ଅସୁବିଧା ନାହିଁ । ଏବେ ଦୁଇଦିନ ପୂର୍ବେ ବ୍ରିଟିଶ୍ ପାର୍ଲିଆମେଂଟ୍‌ରେ ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Margaret Ferrier ଆମ ସପକ୍ଷରେ କହିଛନ୍ତି କି ଅହେମଦୀମାନେ ନା କେବଳ ଏ ଦେଶର ସମାଜ ପାଇଁ ଏକ ଗୁରୁତ୍ୱପୁର୍ଣ୍ଣ ଅଂଶ ବରଂ ପ୍ରତ୍ୟେକ ବର୍ଷ ବ୍ରିଟିଶ୍ ଚ୍ୟାରିଟି ନିମନ୍ତେ ହଜାର ହଜାର ପାଉଣ୍ଡ୍ ସେମାନେ ଏକାଠି କରୁଛନ୍ତି । ଏମାନେ ପ୍ୟାରିସ୍‌ରେ ଘଟିଥିବା ଭୟାନକ ବର୍ବରକାଣ୍ଡ ଓ ଆକ୍ରମଣର ନିନ୍ଦା କରିଛନ୍ତି । ପ୍ରକୃତ ଇସ୍‌ଲାମ୍ ହେଉଛି ଶାନ୍ତିର ଧର୍ମ ଓ ଅହେମଦୀ ମୁସଲ୍‌ମାନ୍‌ମାନେ ନିଜ ଜୀବନର ପ୍ରତ୍ୟେକ କାର୍ଯ୍ୟରେ ଏହା ଉପରେ ଅମଲ କରୁଛନ୍ତି ଓ ସେମାନଙ୍କର ଏ ବିଶ୍ୱାସ କି ପ୍ରତ୍ୟେକ ସମସ୍ୟାକୁ ଶାନ୍ତିପୁର୍ଣ୍ଣ ଢଙ୍ଗରେ ସମାଧାନ କରିବା ଉଚିତ୍ କିନ୍ତୁ ବହୁତ ଦୁଃଖର କଥା ଯେ କିଛି ଅନ୍ୟ ମୁସଲ୍‌ମାନ୍ ମାନେ ଇସ୍‌ଲାମ୍‌ର ଭୁଲ୍ ଛବିକୁ ଉପସ୍ଥାପନ କରୁଛନ୍ତି । ଅହେମଦୀ ମୁସଲ୍‌ମାନ୍‌ମାନେ ପ୍ରେମ, ଭଲପାଇବା, ସମନ୍ୱୟ ଏବଂ ଦେଶ ସହିତ ଭକ୍ତି ଓ ଶାନ୍ତିର ପ୍ରଚାର କରୁଛନ୍ତି । ସେମାନଙ୍କର ମୋଟୋ ହେଉଛି ''ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ'' ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ସେହି ବ୍ରିଟିଶ୍ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍‌ଙ୍କ ବୟାନ୍ ଦେବାପରେ ହୋମ୍ ସେକ୍ରେଟାରୀ Theressa May ସେହି ବୟାନ୍‌କୁ ସମର୍ଥନ କରି କହିଲେ କି ମାର୍‌ଗାରେଟ୍ ସାହିବା ବିଲ୍‌କୁଲ୍ ଠିକ୍ କହିଛନ୍ତି । ଅହେମଦୀମାନେ ଆମ ସମାଜ ନିମନ୍ତେ ବହୁତ ଭଲ ଉଦାହରଣ । ଏ ଲୋକମାନେ ଯେଉଁ ବିଶ୍ୱାସକୁ ଉପସ୍ଥାପନ କରୁଛନ୍ତି ତା ଉପରେ ନିଜେ ମଧ୍ୟ ଅମଳ କରୁଛନ୍ତି ଓ ଏହାକୁ ନିଜ ସମାଜର ଅଂଶ ରୂପେ ବନାଉଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁ ଲୋକମାନେ ଆମକୁ ଜାଣିଛନ୍ତି ଓ ଆମ ସମ୍ବନ୍ଧରେ ତାଙ୍କର ଭାବନା ଠିକ୍ ଅଛି । କେବଳ ମୁସଲ୍‌ମାନ ମାନେ ହିଁ ହେଉଛନ୍ତି ଆମ ବିରୋଧି । କାରଣ ଆମେ ସେ ପ୍ରକାରର ଜିହାଦ୍‌କୁ ମାନୁନାହୁଁ, ଯେଉଁ ପ୍ରକାରର ଜିହାଦ୍‌କୁ ସେମାନେ ମାନୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଜାପାନ୍‌ରେ ମଧ୍ୟ ଥିବା ମୁସଲ୍‌ମାନ୍‌ମାନେ, ଯେଉଁମାନେ ପାକିସ୍ତାନ୍‌ରୁ ବା ଅନ୍ୟଦେଶ ଗୁଡିକରୁ ଆସିଛନ୍ତି, ସେମାନେ ଆମର ବିରୋଧି ଅଟନ୍ତି । ଯଦି ସେମାନଙ୍କୁ ଏଠାରେ କୌଣସି ପ୍ରକାର ଅବସର ମିଳିବ ତେବେ ସେମାନେ ଏଠି ଆମର ବିରୋଧ କରିବେ ।

ସେହି ଜର୍ନାଲିଷ୍ଟ୍ ଜଣକ ଶେଷ ପ୍ରଶ୍ନ ଏହା ପଚାରିଲେ କି ଏହି ଗସ୍ତରେ ଜାପାନୀ ମାନଙ୍କ ନିମନ୍ତେ ଆପଣ କି ପ୍ରକାର ବାର୍ତା ଦେବେ ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମର ବାର୍ତା ହେଉଛି ଏହା କି ଏ ସଂସାରରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ପାଇଁ ଚେଷ୍ଟା କରନ୍ତୁ । ଏ ଦୁନିଆ ଯୁଦ୍ଧ ଆଡକୁ ବଢୁଅଛି । ଜାପାନୀ ଜାତି ଏହି ପରିସ୍ଥିତିକୁ ଠିକ୍ ରୂପେ ହୃଦୟଙ୍ଗମ କରିପାରୁଥିବେ । (ଯଦି) ଜାପାନୀ ଲୋକେ ଏବଂ ସରକାର (ମିଶି) ଚେଷ୍ଟା କରିବେ କି ଦୁନିଆରେ ଶାନ୍ତି ସ୍ଥାପନ ହେଉ ଓ ତୃତୀୟ ବିଶ୍ୱଯୁଦ୍ଧର ପରିସ୍ଥିତି ସୃଷ୍ଟି ନହେଉ ।

ଇଂଟରଭ୍ୟୁର ଏହି ପ୍ରୋଗ୍ରାମ୍ ୨:୨୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ୨:୫୦ରେ ହଜୁର୍ ଅନୁୱର୍ ଅ:ବ:ଅ ଆସି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପଢ଼ିସାରିବା ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜପାଇଁ ରହିଥିବା ଆପାର୍ଟ୍‌ମେଂଟ୍‌କୁ ଚାଲିଗଲେ ।

**ଜଣକିଆ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୬ଟାରେ ହଜୁର୍ ଅନୁୱର୍ ଅ:ବ:ଅ ପହଂଚିଲେ ଓ ଫ୍ୟାମିଲି ସାକ୍ଷାତ୍‌କାର୍ ପ୍ରୋଗ୍ରାମ୍ ଆରମ୍ଭ ହେଲା ।

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**